## ସଂକ୍ଷେପରେ

### ଓଷ୍ଟା ମେଧାବୃତ୍ତି ପରୀକ୍ଷା ଦେଲେ ୨୫୫ ଛାତ୍ରୀଛାତ୍ର

ଆଳି, ୧୮।୧୧ (ଡି.ଏନ୍.ଏ.): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ଦ୍ୱାରା ପରିଚାଳିତ ଓଷ୍ଟା ମେଧାବୃତି ପରୀକ୍ଷା-୨୦୧୮ ମେଣ୍ଢପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। ଆଳି ବ୍ଲକ ଅଞ୍ଚଳର ୪୪ ହାଇସ୍କୁଲର ୨୫୫ ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ହାଇସ୍କୁଲ ପ୍ରଧାନଶିକ୍ଷକ ମନୋରଞ୍ଜନ ମହାନ୍ତି ଓ ବରିଷ୍ଠ ଶିକ୍ଷକ ପଦ୍ମଲୋଚନ ମହାଳିକ ପରୀକ୍ଷା ପରିଚାଳନା କରିଥିଲେ। ଓଷ୍ଟା ପକ୍ଷରୁ ଡାମରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧବଳେଶ୍ୱର ଖଣ୍ଡାଇ ଅବଜରଭର ଭାବେ ଯୋଗଦେଇଥିଲେ। ଓଷ୍ଟା କର୍ମକର୍ତ୍ତା ବାସୁଦେବ ମଲିକ, ଶରତ ପାଣି, ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### କୋଇଲା ବୋଝେଇ ଟ୍ରକ୍ ଜଳିଲା

ଡେରାବିଶ, ୧୮।୧୧ (ସ୍ୱ.ପ୍ର.): କଟକ-ଚାନ୍ଦବାଲି ରାଜରାସ୍ତାର ଡେରାବିଶ ବ୍ଲକ ରଜାଙ୍ଗ ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ କୋଇଲା ବୋଝେଇ ଟ୍ରକ୍‌ରେ ନିଆଁ ଲାଗିଯାଇଥିଲା। ଖବରପାଇ ନିଶ୍ଚିନ୍ତ କୋଇଲି ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏ ନେଇ କିଛି ସମୟ ପର୍ଯ୍ୟନ୍ତ ଏହି ରାସ୍ତା ଦେଇ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। କଟକରୁ କେନ୍ଦ୍ରାପଡ଼ାକୁ ଯାଉଥିବା ଏହି କୋଇଲା ବୋଝେଇ ଟ୍ରକ (ଓଆର୍-୧୯-ବି-୩୯୧୮)ରେ ନିଆଁ ଲାଗିବାର କାରଣ ପ୍ରକୃତ କାରଣ ଜଣା ପଡ଼ି ନଥିବା ବେଳେ ସର୍ଟସର୍କିଟ ଯୋଗୁ ନିଆଁ ଲାଗି ଯାଇଥିବା ଜଣାପଡିଛି।

### ଶିକ୍ଷକ ନେତାଙ୍କ ବିୟୋଗ

ରାଜନଗର, ୧୮।୧୧ (ଡି.ଏନ୍.ଏ.)– ରାଜନଗର ବ୍ଲକ ମଙ୍ଗରାଜପୁର ଗ୍ରାମର ସୁରେନ୍ଦ୍ରନାଥ ଶତପଥୀ(୬୯)ଙ୍କ ଶନିବାର ରାତିରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦାୟିତ୍ୱରେ ଥିଲେ। ଖବରପାଇ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗବନ୍ଧୁ ନାୟକ, ଖବରଦାତା ଜଗନ୍ନାଥ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସସ୍ୟ ଜ୍ଞାନଦେବ ବେଉରା, କେନ୍ଦ୍ରାପଡ଼ା ଜିଲା ଭାଜପା ମିଡିଆ ପ୍ରଭାରୀ ବିଜୟ ନାୟକ ପ୍ରମୁଖ ସ୍ୱର୍ଗତ ଶତପଥୀଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

■ ୪ବର୍ଷ ହେଲା ସ୍କୁଲର ନିଜସ୍ୱ ଗୃହ ନାହିଁ

# ଯୁବକ ସଂଘ ଗୃହରେ ଚାଲୁଛି ସ୍କୁଲ

ଡେରାବିଶ, ୧୮।୧୧ (ସ୍ୱ.ପ୍ର.)


ଯୁବକସଂଘ ଗୃହରେ ପିଲାମାନେ ପାଠ ପଢୁଛନ୍ତି।

**କାଦୁଆ ପ୍ରାଥମିକ ବିଦ୍ୟାଳୟ**
- ■ ସ୍ଲୋଗାନରେ ସୀମିତ ସର୍ବଶିକ୍ଷା ଅଭିଯାନ
- ■ ଗୋଟିଏ ଘରେ ପଢୁଛନ୍ତି ୫ଶ୍ରେଣୀର ପିଲା
- ■ ସ୍କୁଲର ଦୁରବସ୍ଥା ନେଇ ପୁରାତନ ଛାତ୍ରଙ୍କ ଅସନ୍ତୋଷ

ସ୍ଲୋଗାନରେ ସୀମିତ ରହିଯାଇଛି ସର୍ବ ଶିକ୍ଷା ଅଭିଯାନ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ଏହି ଯୋଜନା ଆରମ୍ଭ ହୋଇଥିବା ବେଳେ କେତେକ ସ୍ଥାନରେ ପ୍ରକୃତରେ ଏହା ଫଳପ୍ରଦ ହେଉ ନଥିବା ଦେଖାଯାଉଛି। ଏହାର ଏକ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଅଧୀନ ରତାଦିଆଖଣ୍ଡସାହି ପଞ୍ଚାୟତ କାଦୁଆସ୍ଥିତ ପ୍ରାଥମିକ ବିଦ୍ୟାଳୟରେ। ସ୍କୁଲର ନିଜସ୍ୱ ଗୃହ ନଥିବାରୁ ୪ବର୍ଷ ହେଲା ସ୍ଥାନୀୟ ଯୁବକ ସଂଘ ଗୃହରେ ଚାଲୁଛି ସ୍କୁଲ। ଗୋଟିଏ ଘରେ ୫ଶ୍ରେଣୀର ପିଲା ଏକାଠି ବସି ପାଠ ପଢୁଛନ୍ତି। ୧୯୩୪ରେ ଗ୍ରାମର ଶିବ ତ୍ରିପାଠୀ, କ୍ଷେତ୍ରବାସୀ ତ୍ରିପାଠୀ ଓ ଗ୍ରାମବାସୀଙ୍କ ଉଦ୍ୟମରେ ଗଢ଼ି ଉଠିଥିବା ଏହି ସ୍କୁଲର ଏଭଳି ଦୁରାବସ୍ଥା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୫ଟି ଶ୍ରେଣୀର ୧୯ଜଣ ପିଲାଙ୍କ ପାଇଁ ଜଣେ ପ୍ରଧାନ ଶିକ୍ଷକ ଓ ଅନ୍ୟଜଣେ ସହକାରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ମରାବତି ଅଭାବରୁ ସ୍କୁଲର ନିଜସ୍ୱ ଆଜବେଷ୍ଟଶ ଘରକୁ ୨୦୧୪ରୁ ବିପଦସଙ୍କୁଳ ଘୋଷଣା କରାଯାଇଥିବା ବେଳେ ଅଦ୍ୟାବଧି ଏହାର ମରାମତି କିମ୍ୱା ନୂତନ ଗୃହ ନିର୍ମାଣ ନେଇ ବିଭଗୀୟ କର୍ତ୍ତୃପକ୍ଷ କିମ୍ୱା ଜିଲା ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି। ଉକ୍ତ ଗୃହର କାନ୍ଥ ଫାଟି ଯାଇଥିବାରୁ କେତେବେଳେ ଯେ ଭୁଶୁଡିବ ତାହା କହିବା କଷ୍ଟକର। ତେବେ ପିଲାଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ବିଶ୍ୱଜିତ୍ ଯୁବକସଂଘ କର୍ମକର୍ତ୍ତାଙ୍କ ସହଯୋଗ କ୍ରମେ ଯୁବକ ସଂଘ ଗୃହରେ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ଚାଲୁଛି। ତେବେ ସ୍କୁଲ ଘର ନିର୍ମାଣ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ନିଆଉ ନଥିବା ପୂରାତନ ଛାତ୍ର ମାଗୁଣି ବେହେରା ଓ ବଟକୃଷ୍ଣ ସାହୁ କହିଛନ୍ତି।

**ଏମାନେ କୁହନ୍ତି–**

–ନିଜସ୍ୱ ଗୃହ ନଥିବାରୁ ଯୁବକ ସଂଘ ଗୃହରେ ସ୍କୁଲ ଚାଲୁଛି। ତେବେ ଗୋଟିଏ ଛୋଟିଆ ଗୃହରେ ୫ଟି ଶ୍ରେଣୀ ଚାଲିବା କଷ୍ଟକର।

**–ପ୍ରଧାନ ଶିକ୍ଷକ ଶୁବାଶିଷ ପ୍ରସାଦ ଜେନା**

–ପଞ୍ଚାୟତ ସମିତି ବୈଠକରେ ସ୍କୁଲ ଗୃହ ନେଇ ଦାବି ଉଠାଇବା ସହ ଜିଲାପାଳଙ୍କୁ ଭେଟି ମଧ୍ୟ ଅଭିଯୋଗ କରିଛି। କିନ୍ତୁ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେବେ ଉକ୍ତ ଗୃହକୁ ବିପଦସଙ୍କୁଳ ଘୋଷଣା କରାଯିବା ପରେ ଯୁବକ ସଂଘ ଗୃହରେ ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ଚାଲୁଛି। ରାସ୍ତା କଡ଼ରେ ଯୁବକ ସଂଘ ଗୃହ ଥିବାରୁ ପିଲାମାନଙ୍କ ପ୍ରତି ବିପଦ ମଧ୍ୟ ରହିଛି। ଏ ଦିଗରେ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ।

**–ରତାଦିଆ ଖଣ୍ଡସାହି ସମିତିସଭ୍ୟା, ସୌଦାମିନୀ ବେହେରା**

–ବିଦ୍ୟାଳୟ ଗୃହ ପାଇଁ ଦାନ କରାଯାଇ ଥିବା ଜମିର ମାଲିକାନା ବିବାଦ ଯୋଗୁ ନୂତନ ଗୃହ ନିର୍ମାଣ ପାଇଁ ଆସଥିବା ୬ ଲକ୍ଷ ଟଙ୍କା ଫେରିଯାଇଛି। ଜମି ମାଲିକାନା ବିବାଦ ତୁରନ୍ତ ସମାଧାନ କରାଯିବା ପାଇଁ ବିଭାଗୀୟ ସ୍ତରରେ ଉଦ୍ୟମ ଚାଲିଥିବା ବେଳେ ଆସନ୍ତା ଡିସେମ୍ବର ସୁଦ୍ଧା ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

**–ଡେରାବିଶ ବ୍ଲକ ଶିକ୍ଷାଧିକାରୀ, ଅକ୍ଷୟ ସ୍ୱାଇଁ**

–ସପ୍ତାହକ ମଧ୍ୟରେ ଉକ୍ତ ଜମିକୁ ସ୍ଥାୟୀ ଭାବେ ବିଦ୍ୟାଳୟକୁ ହସ୍ତାନ୍ତର କରିବା ପାଇଁ ପଦକ୍ଷେପ ନେବୁ ବୋଲି ବିଦ୍ୟାଳୟ ଗୃହ ପାଇଁ ଜମି ଦାନ କରିଥିବା ଗ୍ରାମର ଦାମୋଦର ତ୍ରିପାଠୀ ପ୍ରତିଶ୍ରୁତି ଦେଇଛନ୍ତି।

## ଜଙ୍ଗଲ ବିଭାଗ ସଚିବଙ୍କ ଭିତରକନିକା ଗସ୍ତ

ରାଜନଗର, ୧୮।୧୧ (ଡି.ଏନ୍.ଏ.)

ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ସୁରେଶ ମହାପାତ୍ର ରବିବାରଠାରୁ ୨ ଦିନିଆ ଭିତରକନିକା ଗସ୍ତରେ ଆସିଛନ୍ତି। ପ୍ରଥମ ଦିନରେ ସେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ଆସିଥିବା ଅଲିଭ୍‌ରିଡଲେ କଇଁଛମାନଙ୍କ ସୁରକ୍ଷା ନେଇ ତଦାରଖ କରିଥିଲେ। ଏଥିସହ ଗହୀରମଥାର ବାବୁବାଲି ଦ୍ୱୀପକୁ ଯାଇ କଇଁଛଙ୍କ ସମୂହ ଅଣ୍ଡାଦାନ ସ୍ଥଳୀକୁ ଅନୁଧ୍ୟାନ କରିଥିଲେ। ସୋମବାର ସଚିବ ମହାପାତ୍ର ହୁକିଟୋଲା ଓ ଅଗରନାସୀ ଦ୍ୱୀପ ଯାଇ ସେଠାକାର ସ୍ଥିତି ଅନୁଦ୍ୟାନ କରିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।

## ବିଶ୍ୱଶାନ୍ତି ଗୀତା ଜ୍ଞାନଯଜ୍ଞ

ଡେରାବିଶ, ୧୮।୧୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଭିତରବମ୍ପ ଗ୍ରାମସ୍ଥିତ ମା’ ନାରାୟଣୀଙ୍କ ପୀଠରେ ବୁଧବାରଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ଗୀତାଜ୍ଞାନ ଯଜ୍ଞ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏଥିନେଇ ବୁଧବାର ଅଙ୍କୁରାରୋପଣ ଓ ଗୁରୁବାର ଯଜ୍ଞ ପାଇଁ ଘଟସ୍ଥାପନ ପରେ ପୂଜାର୍ଚ୍ଚନା କରାଯାଇଥିଲା। ଯଜ୍ଞ ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ବିଶିଷ୍ଟ ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ, ଭଜନ ସମାରୋହ ଓ ଘୋଡ଼ାନାଚ ପରିବେଶଷ ହୋଇଥିଲା। ଅଲେଖ ଚନ୍ଦ୍ର ଶତପଥୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଯଜ୍ଞରେ ରଘୁନାଥ ଶତପଥୀ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ରଜତ ବଳ, ପ୍ରତାପ ଶତପଥୀ, ପ୍ରବୀଣ ଶତପଥୀ, ପ୍ରଦୀପ ଶତପଥୀ, କୈଳାସ ପରିଡ଼ା, ଅଜୟ ବଳଙ୍କ ସମେତ ଯଅଁରାବାରିମୂଳ ପଞ୍ଚାୟତବାସୀ ସହଯୋଗ କରିଥିଲେ। ପାଟକୁରା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ପ୍ରମୋଦ କୁମାର ସାହୁ, ରବି ସାମଲ, ପ୍ରାଧ୍ୟାପକ ଅଜୟ କୁମାର ରାଉତ ପ୍ରମୁଖ ଯଜ୍ଞ କାର୍ଯ୍ୟରେ ଯୋଗ ଦେଇଥିଲେ। ପଣ୍ଡିତ ତ୍ରୈଲୋକ୍ୟ ଶତପଥୀ ମୁଖ୍ୟ ପୁରୋଧା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ବିଜେଡିରେ ଯୋଗଦେଲେ ଭାଜପା ସମର୍ଥିତ ସରପଞ୍ଚ, ସମିତିସଭ୍ୟ

ମାର୍ଶାଘାଇ, ୧୮।୧୧ (ଡି.ଏନ୍.ଏ.) ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ କୁସୁନୁପୁରସ୍ଥିତ ଆଖଣ୍ଡଳମଣୀ ମନ୍ଦିର ପରିସରରେ ରବିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ ଗାହାଣଙ୍କ ନେତୃତ୍ୱରେ ଦୁମୁକା ସରପଞ୍ଚ ସତ୍ୟନାରାୟଣ ନାୟକ, ଆଖୁଆଦକ୍ଷିଣୀ ସମିତିସଭ୍ୟା ଗୀତାଞ୍ଜଳି ବେହେରା ଓ ରାଘବପୁର ସମିତିସଭ୍ୟ ଦିଲୀପ କୁମାର ଦାସ ଭାଜପା ଛାଡି ଶତାଧିକ ସମର୍ଥନଙ୍କ ସହ ବିଜେଡିରେ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା ବିଜେଡି ଉପସଭାପତି ଗଙ୍ଗାଧର ପରିଡ଼ା, ଜିଲା ପରିଷଦ ସଦଦସ୍ୟ ପ୍ରଦୀପ୍ତ ଗାହାଣ, ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡ଼ା, ଉପାଧ୍ୟକ୍ଷା ମମତା ପ୍ରଧାନ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଶର୍ମିଷ୍ଠା ନାୟକ ମଞ୍ଚାସୀନ ଥିଲେ। ଶେଷରେ ଯୁବନେତା ସୌମ୍ୟରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍ଶାଘାଇ ସରପଞ୍ଚ ସରିତା ପ୍ରଧାନ, ଚନ୍ଦ୍ରମଣୀ ସାହୁ, ପର୍ଶୁରାମ ସାହୁ, ପ୍ରଶାନ୍ତ ରାଉତ, ସନ୍ତୋଷ ବେଉରା, ପ୍ରଶାନ୍ତ ନାୟକ, କାଶୀନାଥ ନାୟକ, ଯୁବନେତା ସରୋଜକାନ୍ତ ନାୟକ, ଜ୍ଞାନରଞ୍ଜନ ରାଉତ, ଦୟାନିଧି ଦାସ, ଅରକ୍ଷିତ ମହାପାତ୍ର, ବିଷ୍ଣୁ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମୃତ ଚାଷୀଙ୍କ ପରିବାରଙ୍କୁ ଭେଟିଲେ ଭାଜପା ନେତା

ପଟ୍ଟାମୁଣ୍ଡାଇ, ୧୮।୧୧ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବଡ଼ମୁଳବସନ୍ତ ପଞ୍ଚାୟତ ନପଙ୍ଗ ଗ୍ରାମର ବିଷ ପିଇ ଆତ୍ମହତ୍ୟା କରିଥିବା ଚାଷୀ ଗୌରାଙ୍ଗ କାପ(୬୦)ଙ୍କ ପରିବାରକୁ ଭାଜପାର ଏକ ପ୍ରତିନିଧି ଦଳ ଭେଟି ସମବେଦନା ଜଣାଇଛନ୍ତି। ଏଥିରେ ଭାଜପା କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପ-ସଭାପତି ମହେଶ୍ୱର ସାହୁ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତ, ରାଜ୍ୟ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ଜିଲା ଉପ-ସଭାନେତ୍ରୀ ଉର୍ମିଳା ସେଠୀ, ଜିଲା କୃଷକ ମୋର୍ଚ୍ଚା ପ୍ରଭାରୀ ଅଶୋକ ମହାନ୍ତି, ଜିଲା ଭାଜପା ସଭାନେତ୍ରୀ କାନନ ବାଳା ଦାସ, ୧୬ ନଂ. ଜୋନ୍ ସଭାପତି ରତ୍ନାକର ସେଠୀ ଓ ରତ୍ନାକର ନାୟକ ପ୍ରମୁଖ ଗୌରାଙ୍ଗଙ୍କ ସ୍ତ୍ରୀ ଜାନକୀ ଓ ପରିବାର ସଦସ୍ୟଙ୍କୁ ଭେଟିଥିଲେ।

## ନବ ନିର୍ମାଣ କୃଷକ ସଙ୍ଗଠନ କର୍ମୀଙ୍କୁ ମାଡ଼

### -ଜିଲା ବିଜେଡି ସଭାପତିଙ୍କ ନାଁରେ ଏତଲା

ପଟ୍ଟାମୁଣ୍ଡାଇ, ୧୮।୧୧ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଶାଖା ନବ ନିର୍ମାଣ କୃଷକ ସଂଗଠନ କର୍ମୀଙ୍କୁ ଜିଲା ବିଜେଡି ସଭାପତି ଓ ଅନ୍ୟ କେତେଜଣ ବିଜେଡି କର୍ମୀ ମାଡ଼ ମାରିଥିବା ନେଇ ସଂଗଠନ ପକ୍ଷରୁ ରବିବାର ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ଅନୁସାରେ, କୃଷକ ସଂଗଠନ ପଟ୍ଟାମୁଣ୍ଡାଇ ଶାଖା ସଂଯୋଜକ ଦୋଳଗୋବିନ୍ଦ ସାହୁଙ୍କ ସମେତ ଅନ୍ୟ କର୍ମୀମାନେ ପୂର୍ବାହ୍ନରେ ମାଳିପୁର-ଡାମରପୁର ରାସ୍ତାରେ ଚାଷୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନ କରୁଥିଲେ। ଏହି ସମୟରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ସେହି ରାସ୍ତା ଦେଇ ଯାଉଥିବାରୁ ନେତାଙ୍କୁ ଗାଁ ମନା ବୋଲି କୃଷକ ସଙ୍ଗଠନ ଅଧ୍ୟକ୍ଷ ଅକ୍ଷୟ କୁମାର କହିଥିଲେ। ଏଥିସହ ପଦଯାତ୍ରାରେ ସାମିଲ ଥିବା ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଓ ଅନ୍ୟମାନଙ୍କୁ ଅଟକାଇଥିଲେ। ଏଥିରେ ଧ୍ରୁବ ଉତ୍ତେଜିତ ହୋଇ କର୍ମୀମାନଙ୍କୁ ଗାଳିଗୁଲଜ କରିବା ସହ ସମର୍ଥକଙ୍କ ସହ ମିଶି ମାଡ଼ ମାରିଥିଲେ। ପଦଯାତ୍ରାରେ ସାମିଲ ଥିବା ବ୍ଲକ ବିଜେଡି ସଭାପତି କିଶୋର ସାହୁ, ସୁବାସ ପ୍ରଧାନଙ୍କ ସମେ ବହୁ କର୍ମୀ କୃଷକ ସଙ୍ଗଠନ କର୍ମୀମାନଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ କୃଷକ ସଙ୍ଗଠନର ପ୍ରହ୍ଲାଦ ନାୟକ, ସଞ୍ଜୟ କର, ପରମାନନ୍ଦ ନାୟକ, ଗୁରୁଚରଣ ଦାସ, ଅନ୍ତର୍ଯ୍ୟାମୀ କୁଣ୍ଡ, ଆନନ୍ଦ ବେହେରା ପ୍ରମୁଖ ଆହତ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ତେବେ ପୋଲିସ ଘଟଣାର ତଦନ୍ତ କରି ପରବର୍ତ୍ତି ପଦକ୍ଷେପ ଗ୍ରହଣ କରିବ ବୋଲି କହିଥିବା କୃଷକ ସଂଗଠନ କର୍ମୀମାନେ କହିଛନ୍ତି। ଏ ନେଇ ଜିଲା ବିଜେଡି ସଭାପତି ସାହୁଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସମ୍ଭବ ହୋଇନାହିଁ।

DADLS-181



**ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ସମାରୋହ**
**୧୯ ନଭେମ୍ବର ୨୦୧୮**

**ସାଧାରଣ ସଭା**
ସମୟ – ସନ୍ଧ୍ୟା ଘ.୫.୩୦ ମିନିଟ୍ | ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ

ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ଅରୁଣ କୁମାର ପଣ୍ଡା

ମୁଖ୍ୟବକ୍ତା – ପ୍ରଫେସର ରାଜକିଶୋର ମିଶ୍ର

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ସାଂସ୍କୃତିକ କାର୍ଯ୍ୟକ୍ରମ – ସୀତାଂଶୁ ଶେଖର ରାଉତ, ବଶିଷ୍ଠ କୁମାର, ପ୍ରେମ୍ କୁମାର, ଅଞ୍ଜନି ରାଉତରାୟ, ତପସ୍ୱିନୀ ଓ ଶ୍ୱେତପଦ୍ମାଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0400/1819




## ତରଡ଼ିପାଳରେ କଂଗ୍ରେସ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ନେତା ଓ କର୍ମୀମାନେ।

ପଟ୍ଟାମୁଣ୍ଡାଇ, ୧୮।୧୧ (ସ୍ୱ.ପ୍ର.)

ଆଗାମୀ ସାଧାରଣରେ ନିର୍ବାଚନରେ କଂଗ୍ରେସ ଦେଶ ଓ ରାଜ୍ୟରେ ଖୁବ୍ ଭଲ ପ୍ରଦର୍ଶନ କରିବ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ରବିବାର କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ତରଡ଼ିପାଳଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମତବ୍ୟକ୍ତ କରିଛନ୍ତି। କଂଗ୍ରେସ କର୍ମୀମାନେ ଧର୍ଯ୍ୟର ସହ ଲୋକମାନଙ୍କ ସେବାରେ ସମୟ ଦେଲେ ପୂର୍ବ ଭଳି କଂଗ୍ରେସ ଲୋକଙ୍କ ବିଶ୍ୱାସ ଭାଜନ କରିପାରିବ ବୋଲି ଗଣେଶ୍ୱର କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ୧୫ନଂ. ଜିଲା ପରିଷଦ ଜୋନ୍ ସଭାପତି ଜ୍ୟୋତି ରଞ୍ଜନ ପ୍ରଧାନ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଧନେଶ୍ୱର ପ୍ରଧାନ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଅଜୟ ବିଶ୍ୱାଳ, କରୁଣାକର ଜେନା, ଉଲ୍ଲାସ ଚନ୍ଦ୍ର ମଲ୍ଲିକ, ବସନ୍ତ ସ୍ୱାଇଁ, କୈଳାସ ସେଠୀ, ସରପଞ୍ଚ କୁଳମଣି ମଳିକ, ସୁରେଶ ଚନ୍ଦ୍ର ଦାଶ, ସତ୍ୟରଞ୍ଜନ ସୁନ୍ଦରାୟ, ସୁରେଶ ଚନ୍ଦ୍ର ମହାଳିକ, କ୍ଷମାନିଧି ସାମଲ, ଦୀପକ ଭଦ୍ର, ସିଦ୍ଧାର୍ଥ ଦାଶ, ଗୋଲେଖ ବେହେରା, ଅଶୋକ ମଲ୍ଲିକ, କିଶୋର ବେହେରା, ମହେଶ୍ୱର ବିଶ୍ୱାଳ, ସୁରେଶ ସେଠୀ, ଶରତ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଥିଲେ। କଂଗ୍ରେସର ସାଂଗଠନିକ ଶକ୍ତି ବୃଦ୍ଧି କରିବା ସହିତ ପୂର୍ବତନ ମନ୍ତ୍ରୀ ବେହେରାଙ୍କ ନେତୃତ୍ୱରେ ଲଢେଇ ଜାରି ରଖିବାକୁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

## ସଂକ୍ଷେପରେ



### ୧୯୬୫ ବ୍ୟାଚ୍ ବନ୍ଧୁ ମିଳନ

**ବାଲିକୁଦା,୧୮।୧୧(ସ୍ୱ.ପ୍ର.):** ବାଲିକୁଦା ଉଚ୍ଚ ବିଦ୍ୟାଳୟ ୧୯୬୫ ମସିହା ବ୍ୟାଚ୍‌ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଗଡେଇଗିରିସ୍ଥିତ ଇସ୍କନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବୈରାଗୀ ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଏକ ସଭା କରାଯାଇଥିଲା। ଏଥିରେ ବ୍ୟାଚ୍‌ର ବନ୍ଧୁ ଅଧ୍ୟାପକ ବୈରାଗୀ ଚରଣ ପରିଡ଼ା, ଗୌରାଙ୍ଗ ଚରଣ ମହାନ୍ତି, ହରେକୃଷ୍ଣ ମୁଦୁଲି, ସୁଦାମ ଚରଣ ସ୍ୱାଇଁ, ବିପିନ ବିହାରୀ ବିଶ୍ୱାଳ, ନୃସିଂହ ମହାରଣା, ବୃନ୍ଦାବନ ଜେନା, ରବୀନ୍ଦ୍ର କୁମାର ପଟ୍ଟନାୟକ, ପ୍ରମୋଦ ରାଉତ, ନରହରି ସାହାଣି, ବିଷ୍ଣୁ ଚରଣ ବାରିକ, ଆଦରମଣୀ କାନୁନଗୋ, ନେତ୍ରମଣୀ ସ୍ୱାଇଁ, ମାଗୁ ଚରଣ ନାୟକ, ଉମାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଜୀବନର ଅଭୁଲା ସ୍ମୃତି ରୋମନ୍ଥନ କରିଥିଲେ। ପରେ ଛାତ୍ର ବନ୍ଧୁମାନେ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ପର୍ଶୁରାମ ଦାସ, ପ୍ରତିଷ୍ଠାତା ରାଜକିଶୋର ଦାସ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରତିବର୍ଷ ଏଭଳି ବନ୍ଧୁ ମିଳନ କାର୍ଯ୍ୟକ୍ରମ କରିବାକୁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା।

### ଶିଶୁ ବାଟିକା ମାତୃ କର୍ମଶାଳା

**କୁଜଙ୍ଗ,୧୮।୧୧(ସ୍ୱ.ପ୍ର.):** ସ୍ଥାନୀୟ ବାଲିତୁଠ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁ ବାଟିକା ମାତୃ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଗୌରାଙ୍ଗ ଚରଣ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଲେ ଯେ ମା'ମାନେ ବିଦ୍ୟାଳୟକୁ ସହଯୋଗ କରିବା ସହ ପିଲାମାନଙ୍କ ପରୀକ୍ଷା ନମ୍ବର ଅପେକ୍ଷା ସଂସ୍କାର, ସେବାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ। କାର୍ଯ୍ୟକ୍ରମରେ ପୁଷ୍ପଲତା ପାଣି ମୁଖ୍ୟବକ୍ତା, ପରିଚାଳନା ସମିତି ସମ୍ପାଦକ ସନ୍ତୋଷ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ନାରାୟଣ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ଅଲୀକ କୁମାର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସୁରେନ୍ଦ୍ର ବିଶ୍ୱାଳ, ଅନୀତା ଦାସ, ପ୍ରଭାସିନୀ ମହାପାତ୍ର, ସ୍ମିତାଲି ଜେନା, ପ୍ରଭାବତୀ ନାୟକ, ପ୍ରମୋଦିନୀ ସାମଲ, ରୀତାରାଣୀ ପ୍ରଧାନ ଓ ସ୍ୱାଗତିକା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

**କୁଜଙ୍ଗ,୧୮।୧୧(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ଗଣ୍ଡକିପୁର ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା କମିଟିର ୧୫ତମ ବାର୍ଷିକ ପୂଜା ଅବସରରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କିମିଟି ସଭାପତି ଆଶୀଷ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କଂଗ୍ରେସ ନେତା ପ୍ରମୋଦ କିଶୋର ଜେନା ମୁଖ୍ୟଅତିଥି, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ପ୍ରେସ୍ କ୍ଲବ୍ ସମ୍ପାଦକ ଦୁଷ୍ମନ୍ତ ମାଝୀ, ବିଭୂତିଭୂଷଣ ଦାସ,କୈଳାସ ନନ୍ଦ, ନାରାୟଣ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ପରେ ମଞ୍ଚାସୀନ ଅତିଥିମାନେ ଶତାଧିକ ସ୍ଥାନୀୟ ବରିଷ୍ଠ ନାଗରିକ, କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପ୍ରଜାପିତା ବ୍ରହ୍ମକୁମାରୀ ଅନୁଷ୍ଠାନ ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

■ କୁଜଙ୍ଗରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

# ଦାମଙ୍କ ଉପରେ ବର୍ଷିଲେ ଦେବାଶିଷ

କୁଜଙ୍ଗ,୧୮।୧୧(ସ୍ୱ.ପ୍ର)

କୁଜଙ୍ଗ ବ୍ଲକ ୪ ନମ୍ବର ଜୋନର ବିଶ୍ୱାଳି ଡ୍ରାମା ପଡିଆଠାରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ପାରାଦୀପରେ ଦଳର ଶକ୍ତିବୃଦ୍ଧି ହୋଇଥିବା କହିଥିଲେ। ରାଜନେତାମାନେ ଲୋକଦେଖାଣିଆ ଭାବେ ନୁହେଁ, ବରଂ ଆନ୍ତରିକତାର ସହ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର କରିବା ଆବଶ୍ୟକ ବୋଲି କହି ସେ ବିଧାୟକ ଦାମ ରାଉତଙ୍କୁ କଟାକ୍ଷ କରିଥିଲେ। ସିନେ କଳାକାର ଅରିନ୍ଦମ ଯୋଗଦେଇ ଦାମଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଦାମ ଏହି ଅଞ୍ଚଳର ଯୁବକମାନଙ୍କୁ ନିଯୁକ୍ତିରେ ଉପଯୁକ୍ତ ସୁଯୋଗ ଦେଇ ନ ଥିବା କହି ସେ ଭର୍ତ୍ସନା କରିଥିଲେ। ତେବେ ମଞ୍ଚରେ କଟକ-ପାରାଦୀପ ବିଧାୟକ ଦେବାଶୀଷ ସାମନ୍ତରାୟଙ୍କ ବକ୍ତବ୍ୟ




ବିଜେଡିର ଜନସମ୍ପର୍କ ପଦଯାତ୍ରା ସମାବେଶରେ ଉପସ୍ଥିତ ନେତା।

ଚର୍ଚ୍ଚାର ବିଷୟ ହୋଇଛି। ସେ ଦାମଙ୍କ ସହ କଂଗ୍ରେସ ନେତା ବାପି ସର୍ଖେଲଙ୍କ ଉପରେ ବର୍ଷିଥିଲେ। ଦାମବାବୁ ୪୫ ବର୍ଷ ରାଜନୀତିରେ କେବଳ ନିଜ ପୁଅ, ପୁତୁରାଙ୍କୁ ଚାକିରି ଓ ଠିକାଦାରୀ ଦେଇଛନ୍ତି। ମାତ୍ର ଅଞ୍ଚଳର ବେକାର ଯୁବକ, ଜମିହରାଙ୍କ ପାଇଁ କିଛି କରିନାହାନ୍ତି। ଏସାର କମ୍ପାନୀ ଜମି ଅଧିଗ୍ରହଣ ସମୟରେ ଦାମବାବୁ ଲୋକଙ୍କୁ ୬ ଲକ୍ଷ ଟଙ୍କାରେ ଜମି ଦେଇଦେବାକୁ ପ୍ରବର୍ତ୍ତାଇଥିଲେ। ହେଲେ ସେ ନିଜେ ଅଞ୍ଚଳରେ ରହି ଆନ୍ଦୋଳନ କରି ଜମିର ମୂଲ୍ୟକୁ ୧୯ ଲକ୍ଷ ଟଙ୍କା କରିଥିଲେ ବୋଲି ଦେବାଶିଷ କହିଥିଲେ। ଏହି ପଦଯାତ୍ରାରେ ତାଙ୍କ ପ୍ରତି ଲୋକଙ୍କ ଭଲପାଇବା ଦେଖି ଦେବାଶିଷ ଖୁସିବ୍ୟକ୍ତ କରିବା ସହ ଏଠାରେ ଏକ ସୁପର ସ୍ପେସିଆଲିଟି ହସ୍‌ପିଟାଲ, ପାଣି ନିଷ୍କାସନ ବ୍ୟବସ୍ଥା, ଜମିହରାଙ୍କୁ ଚାକିରି ପ୍ରଦାନ କରିବା ସମ୍ପର୍କରେ ଦାବି ଉପସ୍ଥାପନ କରିଥିଲେ। ଏସବୁ ସମସ୍ୟାର ସମାଧାନ ନ ହେଲେ ଡିସେମ୍ବର ୧୬ରେ ତୀବ୍ର ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଥିଲେ। ହରେକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏମ୍‌ପି କୁଳମଣୀ ସାମଲ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ବିଜୁ ଶ୍ରମିକ ସାମୁଖ୍ୟ ମଙ୍ଗୁଆଳ ନେତା ସୁବାସ ସିଂହ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଦାମଙ୍କ ଆଡକୁ ଇଙ୍ଗିତ କରି କେହି ଚକ୍ରାନ୍ତକାରୀ ନବୀନଙ୍କ ଲୋକପ୍ରିୟତା ଉପରେ ପ୍ରଭାବ ପକାଇପାରିବେ ନାହିଁ ବୋଲି ସେମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ତପନ କୁମାର ସାମନ୍ତରାୟ, ମାନସ ପରିଡ଼ା, କବି ପିତାମ୍ବର ତରାଇ, ପାରାଦୀପ ପାରିଷଦ ଶଙ୍କର ପ୍ରସାଦ ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ କୁଜଙ୍ଗ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପରିଡ଼ା ସଭା ସଂଯୋଜନା କରିଥିଲେ। ଗୋବିନ୍ଦଚନ୍ଦ୍ର ତରାଇ, ଆଇନଜୀବୀ ସଞ୍ଜୟ କୁମାର ବେହେରାଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ। ଶ୍ରମିକ ନେତା ଗୋଲେଖଚନ୍ଦ୍ର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜିଲା ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ହେଲେ ବୈଷ୍ଣବ

ବାଲିଆ,୧୮।୧୧

ବିରିଡ଼ି ବ୍ଲକ ସଢେଇଶାସନ ପଞ୍ଚାୟତର ଭାଜପା ସଂଗଠକ ବୈଷ୍ଣବ ଚରଣ ଜେନାଙ୍କୁ ଜଗତ୍‌ସିଂହପୁର ଜିଲା କୃଷକ ମୋର୍ଚ୍ଚାର ଉପସଭାପତି ପଦ ସହ ଜିଲା କୃଷକ ମୋର୍ଚ୍ଚା ରଚନାତ୍ମକ ସମିତିର ସଂଯୋଜକ ପଦରେ ନିଯୁକ୍ତ କରାଯାଇଛି। ବୈଷ୍ଣବ ଚରଣ ଜେନା ଜଣେ ଭଲ ସଂଗଠକ ହୋଇଥିବାରୁ ତାଙ୍କ ଉପରେ ଦଳ ଦୃଢ ଆସ୍ଥା ପ୍ରକଟ କରି ଦୁଇ ଦୁଇଟି ପଦ ଦେଇଛି। ଭାଜପା ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା ଅଧ୍ୟକ୍ଷ ମହେଶ୍ୱର ସାହୁ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ହୃଷିକେଶ ଜେନାଙ୍କ ଅନୁମୋଦନ କ୍ରମେ ବୈଷ୍ଣବ ଚରଣ ଜେନାଙ୍କୁ ଏହି ପଦରେ ଅବସ୍ଥାପିତ କରାଯାଇଛି। ଏଥିପାଇଁ ଜିଲା କୃଷକ ମୋର୍ଚ୍ଚା ପ୍ରଭାରୀ କ୍ଷୀରୋଦ ଚନ୍ଦ୍ର ଦଳାଇ ଓ ଜିଲା କୃଷକ ମୋର୍ଚ୍ଚା ସଭାପତି ତପନ ବେହେରା ସୁପାରିଶ କରିଥିଲେ।

## ମଣିଜଙ୍ଗା-ଏରସମା ରାସ୍ତା ବିପର୍ଯ୍ୟସ୍ତ

■ ମରାମତି ନ ହେଲେ ଆନ୍ଦୋଳନ

ତିର୍ତ୍ତୋଲ,୧୮।୧୧(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗାଠାରୁ ଏସରମାକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଏହି ରାସ୍ତାର ଅନେକ ସ୍ଥାନରେ ପିଚୁ ଉଠିଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ୧୮ କିମିର ଏହି ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା ଯୋଗୁ ଅଧିକାଂଶ ସମୟ ଦୁର୍ଘଟଣା ଘଟୁଛି। ରାସ୍ତା ମରାମତି ପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି ହୋଇଥିଲେ ମଧ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଆସନ୍ତା ସପ୍ତାହକ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଖାଲଖମା ମରାମତି କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଭାଜପା ସଂଖ୍ୟାଲଘୁ ସେଲ ଜିଲା ଉପସଭାପତି ମୋଜାମିଲ ଖାଁ ଚେତାବନୀ ଦେଇଛନ୍ତି। ସେ ଏ ସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ପ୍ରମୁଖଙ୍କୁ ଅବଗତ କରିଛନ୍ତି। ଏହି ରାସ୍ତାରେ ପ୍ରତ୍ୟହ କଟକରୁ ଏରସମା, ପଞ୍ଚୁପଲ୍ଲି, ଆମ୍ବିକି, ଗଡ଼ବିଷ୍ଣୁନପୁର ପ୍ରଭୃତି ସ୍ଥାନକୁ ଯାତ୍ରୀବାହୀ ବସ ସମେତ ଅନ୍ୟାନ୍ୟ ଯାନ ଚଳାଚଳ କରିଥାଏ। ଏଥିସହ ଏରସମାରୁ ଚିଙ୍ଗୁଡି ନେଇଯାଉଥିବା ବହୁ ସଂଖ୍ୟକ ଭ୍ୟାନ୍ ଏହି ରାସ୍ତାରେ ଚଳାଚଳ କରୁଛି। ରାସ୍ତାର ଗୁରୁତ୍ୱ ଦୃଷ୍ଟିରୁ ଏହା ମରାମତି ଜରୁରୀ ହୋଇଥିବା ବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଗତ ୧୫ ଦିନ ମଧ୍ୟରେ ଏହି ରାସ୍ତାର ବୋଧେଇ, ନରୁଆ, ଇବ୍ରିସିଂ ନିକଟରେ ଥିବା ଖାଲରେ ପଡି ବାଇକ ଆରୋହୀଙ୍କ ସମେତ ଯାତ୍ରୀ ଦୁର୍ଘଟଣାର ସମ୍ମୁଖିନ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଗନ୍ନାଥପୁର, ଶାଗବାରିଆ ଏବଂ ନରୁଆର ୩ ଜଣ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତେଣୁ ତୁରନ୍ତ ରାସ୍ତା ମରାମତି ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଭାଜପା ନେତାଙ୍କ ସହ ଜନସାଧାରଣ ଦାବି କରିଛନ୍ତି।

## ରାଜ୍ୟସ୍ତରୀୟ କବି ସମ୍ମିଳନୀ

ନାଉଗାଁ,୧୮।୧୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅଙ୍ଗେଶ୍ୱରପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଭଗବାନ ଦାସଙ୍କ ନାମରେ ହୋଇଥିବା ଭଗବାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ରାଜ୍ୟସ୍ତରୀୟ କବି ସମ୍ମିଳନୀ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଛି। ଶିକ୍ଷକ ରାମଚନ୍ଦ୍ର ପୁହାଣଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟକୃଷ୍ଣ ଲେଙ୍କା ମୁଖ୍ୟଅତିଥି, ବାମଦେବ ସ୍ୱାଇଁ, ରବୀନ୍ଦ୍ର ନାଥ ସ୍ୱାଇଁ, ରମାନାଥ ପର୍ବତ, ତ୍ରିଲୋଚନ ପାଢୀ, ହିମାଂଶୁ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବୟିତ୍ରୀ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ବିଭୁତି ଭୂଷଣ ତ୍ରିପାଠୀ ସମ୍ମିଳନୀ ପରିଚାଳନା କରିଥିଲେ। ପରେ ଏକ ସାଧାରଣ ସଭା କରାଯାଇଥିଲା। ଅଶୋକ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶାରଦା ପ୍ରସାଦ ମିଶ୍ର ମୁଖ୍ୟଅତିଥି, ମୂରଲିଧର ଦାସ, ରବୀନ୍ଦ୍ରନାଥ ଚକ୍ରବର୍ତ୍ତୀ, ଭ୍ରମରବର ପରିଡ଼ା, ନିରଞ୍ଜନ ବେହୁରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରବୀନ୍ଦ୍ର ନାଥ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ମେଧାବୀ ଅନ୍ୱେଷଣରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏହି ଅବସରରେ ଜଣେ ଗରିବ ମେଧାବୀ ଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ମେମୋରିଆଲ ଟ୍ରଷ୍ଟ ସଭାପତି ଉପେନ୍ଦ୍ର ବିଶ୍ୱାଳ, ସମ୍ପାଦକ ନିଳୁରାମ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଯୁବ ବାହିନୀର ପ୍ଲାଷ୍ଟିକ ବର୍ଜନ ସଚେତନତା

ବାଲିକୁଦା,୧୮।୧୧(ସ୍ୱ.ପ୍ର.)

ମାଛଗାଁ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ପ୍ଲାଷ୍ଟିକ ବର୍ଜନ ସଚେତନତା ସଭା ଓ ନିଶା ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚାୟତର ବହୁ ମହିଳା, ଯୁବତୀ ଓ ପୁରୁଷ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ହେଉଥିବା ସମସ୍ୟା ଓ ପରିବେଶ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ଅବଗତ ହୋଇଥିଲେ। ଏଥିସହିତ ନିଶା ସେବନ ଦ୍ୱାରା ସୃଷ୍ଟି ହେଉଥିବା ସାମାଜିକ ବିଶୃଙ୍ଖଳା ସମ୍ପର୍କରେ ସଚେତନ ହୋଇଥିଲେ। ବାଲିକୁଦା ବ୍ଲକ ବିଜୁ ଯୁବ ବାହିନୀ ମିଡିଆ ସେଲ ଅଧ୍ୟକ୍ଷ ସାଗର ପତିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଶୀତଳ ଷଷ୍ଠୀ ପଡିଆଠାରେ ଆୟୋଜିତ ସଭାରେ ଜିଲା ପରିଷଦ ସଦସ୍ୟା ବବିତା ସ୍ୱାଇଁ ମୁଖ୍ୟଅତିଥି, ବାଲିକୁଦା-ଏରସମା ଯୁବ ବିଜେଡି ସଭାପତି ଅଲେକ ସ୍ୱାଇଁ ମୁଖ୍ୟବକ୍ତା, ସରପଞ୍ଚ ପର୍ଶୁରାମ ସେଠୀ, ସମିତିସଭ୍ୟା ମମତା ଦାସ, ବ୍ଲକ ବିଜେଡି



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଯୁବବାହିନୀର କର୍ମକର୍ତ୍ତା ଓ ଅନ୍ୟମାନେ।

ସଭାପତି ରଶ୍ମିରଞ୍ଜନ କୁଅଁର, ଏମ୍‌ପିଙ୍କ ପ୍ରତିନିଧି କମଳାକାନ୍ତ ମହାପାତ୍ର, ପ୍ରକାଶ ଦଳାଇ, ବସନ୍ତ ସାହୁ, ପହଲି ସ୍ୱାଇଁ, ଦିଲୀପ ମହାନ୍ତି, ଭାଗିରଥି ବିଶ୍ୱାଳ, କାର୍ତ୍ତିକ ଜେନା, ଗଗନ ବିହାରି ଦାସ ପ୍ରମୁଖ ଯୋଗଦେଇ ବିଜୁ ଯୁବ ବାହିନୀର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଯୁବ ବାହିନୀ ସଦସ୍ୟା ସୁମନ ସ୍ୱାଇଁ, ଲିଭାରାଣି ମହାନ୍ତି, ବନସ୍ମିତା ପତି, ପୁଷ୍ପଲତା ଦାଶ, ରାଜକୁମାର ବିଶ୍ୱାଳ, ପ୍ରତାପ ରାଉତ, ସ୍ପନ୍ଦନ ସ୍ୱାଇଁ, ସାଗର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପରେ ମାଛଗାଁ ବଜାରରେ ବ୍ୟବସାୟୀମାନଙ୍କୁ ପଲିଥିନ ବ୍ୟବହାର ବନ୍ଦ କରିବାକୁ ପରାମର୍ଶ ଦିଆଯିବା ସହ ବିଜୁ ଯୁବ ବାହିନୀ ପକ୍ଷରୁ କପଡା ବ୍ୟାଗ ବଣ୍ଟନ କରାଯାଇଥିଲା।

## ଭାଜପାର ଜନ ପରାମର୍ଶ ପଦଯାତ୍ରା




ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

ବାଲିଆ, ୧୮।୧୧

ବିରିଡ଼ି ବ୍ଲକ ଉତ୍ତରଶାସନ ପଞ୍ଚାୟତ ନୂଆଗାଁର ୨ଟି ୱାର୍ଡରେ ଭାଜପାର ଜନ ପରାମର୍ଶ ପଦଯାତ୍ରା ସହ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଭାଜପା ନେତା ରମାକାନ୍ତ ଭୋଇଙ୍କ ନେତୃତ୍ୱ ଓ ଭାଜପା ଯୁବ ମୋର୍ଚ୍ଚା ନେତା ସୁଜିତ୍ କୁମାର ସାହୁଙ୍କ ପରିଚାଳନାରେ ରେ ରବିବାର ପୂର୍ବାହ୍ନରେ ଏହି ପଦଯାତ୍ରା କରାଯାଇଥିଲା। ଏହି ଅବସରରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା କବି ପ୍ରସାଦ ଦାଶ, ବିଜୟ ଭୋଇ, ଅରକ୍ଷିତ ସାହୁ, ଲକ୍ଷ୍ମଣ ବେଦବାଗିସ, ସୁଜିତ୍ ମହାନ୍ତି, ପରକ୍ଷିତ ଭୋଇ, ତୋଫାନ ବିଶ୍ୱାଳ, କାହ୍ନୁ ଭୋଇ, ପୁରୁସ୍ତମ ଷଡ଼ଙ୍ଗୀ, ବିକାଶ ଭୋଇ, ସରୋଜ ପାଣି, ବାଞ୍ଛାନିଧି ବାରିକଙ୍କ ସମେତ ମହିଳା ମୋର୍ଚ୍ଚାର ଭାନୁମତୀ ପାଣି, କୁନ୍ତଳା ଭୋଇ, ଗୋଲାପ ଭୋଇ, ନୟନା ଭୋଇ, ମାତା ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

## ପ୍ଲାଷ୍ଟିକ ବର୍ଜନ କରିବାକୁ ବିଜୁ ଯୁବ ବାହିନୀର ଆହ୍ୱାନ

ନାଉଗାଁ,୧୮।୧୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ସମ୍ପର୍କରେ ରବିବାର ସଚେତନତା ସୃଷ୍ଟି କରାଯାଇଛି। ତିରୁଣା ଗ୍ରାମରୁ ଏକ ଶୋଭାଯାତ୍ରା ବାହାରି ତିରୁଣା ଉପ୍ରା ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ସଚେତନତା ସଭା କରାଯାଇଥିଲା। ଉପସ୍ଥିତ ଜନସାଧାରଣଙ୍କୁ ବ୍ୟାଗ ପ୍ରଦାନ କରାଯାଇଥିଲା। ପରେ ତିରୁଣା ଉପ୍ରା ବିଦ୍ୟାଳୟରେ ଅଭିଭାବକଙ୍କୁ ନେଇ ଏକ ସଭା କରାଯାଇଥିଲା। ଯୁବ ବାହିନୀର



ବିଜୁ ଯୁବବାହିନୀ ପକ୍ଷରୁ ଲୋକଙ୍କୁ ବ୍ୟାଗ୍ ପ୍ରଦାନ କରାଯାଉଛି।

ସଭାପତି ମିତାଲି ବିଶ୍ୱାଳ, ସମ୍ପାଦକ ଦେବଦତ ତ୍ରିପାଠୀ, କୋଷାଧ୍ୟକ୍ଷ ହରପ୍ରିୟା ଦାସ ପ୍ରମୁଖ ଯୋଗ ଦେଇଥିଲେ। ମାନସ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରାଥମିକ ଶିକ୍ଷକ ସଂଗଠନ ବୈଠକ

କୁଜଙ୍ଗ,୧୮।୧୧(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକମାନଙ୍କ ଏକ ବୈଠକ ରବିବାର ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ନିଶାକର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କୁଜଙ୍ଗ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ଏହି ବୈଠକରେ ସଂଗଠନର ଆବାହକ ବାବୁରାମ ଚୌଧୁରୀ ଦିବଙ୍ଗତ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ପ୍ରଥମେ ଶୋକ ପ୍ରସ୍ତାବ ରଖିଥିଲେ। ପରେ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ସଂଗଠନରେ ବିଭକ୍ତୀକରଣ କିପରି ସଙ୍ଘୀୟ ଏକତାକୁ କ୍ଷୁର୍ଣ୍ଣ କରୁଛି ସେ ସମ୍ପର୍କରେ ସେ ବୁଝାଇଥିଲେ। ଶିକ୍ଷକ ନେତା ମଧୁମଙ୍ଗଳ ସ୍ୱାଇଁ, ନବୀନ ପ୍ରଧାନ,



ବୈଠକରେ ଉପସ୍ଥିତ ଶିକ୍ଷକ ସଂଗଠନର କର୍ମକର୍ତ୍ତା।

ରଞ୍ଜନ ମହାପାତ୍ର, ଗୋପବନ୍ଧୁ ନାୟକ, କବୟିତ୍ରୀ ଗୋଲାପରାଣୀ ସାହୁ, ଅଶୋକ କୁମାର ସ୍ୱାଇଁ, ନରେଶ ଚୌଧୁରୀ, ବାଦଲ କୁମାର ଦାଶ, ଗାୟତ୍ରୀ ଷଡ଼ଙ୍ଗୀ, ସର୍ବେଶ୍ୱର ରାଉତ, ଚିନ୍ତାମଣୀ ରାଉତ, ପ୍ରହ୍ଲାଦ ଖଟୁଆ, ଚନ୍ଦ୍ରମଣୀ ଦାସ, ସୁଧୀରରଞ୍ଜନ ମହାପାତ୍ର, ହିମାଂଶୁ ଶେଖର ସାମଲ ପ୍ରମୁଖ ଏକ ଦୃଢ ସଂଗଠନ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ବ୍ଲକର ସମସ୍ତ କ୍ଲଷ୍ଟରକୁ ନେଇ ଏକ ୨୫ଜଣିଆ କମିଟି ଗଠନ କରାଯାଇଥିଲା। ପରବର୍ତ୍ତୀ ବୈଠକ ଆସନ୍ତା ୨ରେ ବସି କାର୍ଯ୍ୟକର୍ତ୍ତା ଚୟନ କରାଯିବ ବୋଲି ସ୍ଥିର ହୋଇଥିଲା। ଶିକ୍ଷକ ଶ୍ରୀଚରଣ ସାହୁ ଧନ୍ୟବାଦ ଦେଇଥିଲେ।

■ ଟିଟିଙ୍ଗା ଗୁଳିମାଡ଼ ମାମଲା

# ମୁଖ୍ୟ ଅଭିଯୁକ୍ତ ଗିରଫ, ୨ ଜଣଙ୍କୁ ଖୋଜୁଛି ପୋଲିସ

ଜଗତ୍‌ସିଂହପୁର ଅଫିସ, ୧୮।୧୧

■ ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ, ୩ ରାଉଣ୍ଡ ଗୁଳି, ମୋବାଇଲ ଜବତ

■ ବବ୍‌ଲୁଙ୍କ ନାମରେ ୫ ଆପରାଧିକ ମାମଲା

ଜଗତ୍‌ସିଂହପୁର ଥାନା ମଣ୍ଡାସାହିର ଟିଟିଙ୍ଗାରେ ଗତ ୧୬ ତାରିଖ ସନ୍ଧ୍ୟାରେ ହୋଇଥିବା ଗୁଳିମାଡ଼ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ମଧୁସୂଦନପୁର ଗ୍ରାମର ସତ୍ୟବ୍ରତ ସ୍ୱାଇଁ ଓରଫ ବବ୍‌ଲୁ(୨୫)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଗୋଟିଏ ମାଗାଜିନ ଥିବା ୯ ଏମ୍‌ଏମ୍ ପିସ୍ତଲ, ୩ ରାଉଣ୍ଡ ଗୁଳି ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି। ଏହି ମାମଲାରେ ତାଙ୍କୁ ସହଯୋଗ କରିଥିବା ଅନ୍ୟ ୨ ଜଣ ଫେରାର ଅଛନ୍ତି। ବବ୍‌ଲୁଙ୍କ ନାମରେ ଜଗତ୍‌ସିଂହପୁର ଓ କଟକ ଅଞ୍ଚଳରେ ୫ ବଟି ଆଦାୟ, ଚେନ୍ ଲୁଟ୍, ଡକାୟତି ଓ ହତ୍ୟା ଉଦ୍ୟମ ଭଳି ମାମଲା ରହିଛି। ରବିବାର ଜଗତ୍‌ସିଂହପୁର ଥାନା ପରିସର ଅଭ୍ୟର୍ଥନା କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରକାଶ ଆର୍ ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗୁଳିମାଡ଼ରେ ଆହତ ହରିହର ସ୍ୱାଇଁ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ଏସ୍‌ପି କହିଛନ୍ତି ଯେ, ସ୍ଥାନୀୟ ଅତାମଳାର ରଶ୍ମିକାନ୍ତ ଦାଶ ଜଗତ୍‌ସିଂହପୁର ସହରରେ ଏକ କୁକୁର ଖାଦ୍ୟ ବିକ୍ରି ଦୋକାନ କରିଛନ୍ତି। ଅଭିଯୁକ୍ତ ବବ୍‌ଲୁଙ୍କର ଏକ କୁକୁର ଅଛି। ତେଣୁ ବିଭିନ୍ନ ସମୟରେ ସେ ରଶ୍ମିକାନ୍ତଙ୍କ ଦୋକାନରୁ କୁକୁର ଖାଦ୍ୟ କିଣିଥାନ୍ତି। ଏହା ଭିତରେ ରଶ୍ମିକାନ୍ତଙ୍କ ବେକରେ ଥିବା ଏକ ମୋଟା ସୁନା ଚେନ୍ ଦେଖି ବବ୍‌ଲୁଙ୍କ ମନରେ ଲୋଭ ସୃଷ୍ଟି ହୋଇଥିଲା। କୌଣସି ପ୍ରକାରେ ଏହି ଚେନ୍ ନେବାକୁ ସେ ଯୋଜନା କରିଥିଲେ। ଏଥିପାଇଁ ପୁରୀର ୨ ଜଣ ଯୁବକଙ୍କୁ ସାଥି କରିଥିଲେ। ଗତ ଅକ୍ଟୋବର ୨୬ ତାରିଖରେ ରଶ୍ମିକାନ୍ତ ଦୋକାନ ବନ୍ଦ କରି ଶ୍ୱଶୁର ଘର ଅରଣା ଅଭିମୁଖେ ଯାଉଥିଲେ। ଏହା ଦେଖି ବବ୍‌ଲୁ ଓ ତାଙ୍କ ସାଥିମାନେ ପିଛା କରିଥିଲେ। ଅତାମଳା ନିକଟରେ ନିରୋଳା ସ୍ଥାନ ଦେଖି ଅଭିଯୁକ୍ତମାନେ ତାଙ୍କ ବେକରୁ ସୁନା ଚେନ୍‌ଟି ଛିଡାଇ ନେଇଥିଲେ। ଏନେଇ ରଶ୍ମିକାନ୍ତଙ୍କ ଅଭିଯୋଗ ଉପରେ ଜଗତ୍‌ସିଂହପୁର ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଖୋଜୁଥିଲା। ଟିଟିଙ୍ଗାରେ ତେଜରାତି ଦୋକାନ କରିଥିବା ବିଶ୍ୱରଞ୍ଜନ ସ୍ୱାଇଁ ଅଭିଯୁକ୍ତଙ୍କ ଗତିବିଧି ସମ୍ପର୍କରେ ପୋଲିସକୁ ସୂଚନା ଦେଉଥିବା ସନ୍ଦେହ କରି ବବ୍‌ଲୁ ତାଙ୍କୁ ଟାର୍ଗେଟ କରିଥିଲେ। ଗତ ୧୬ ତାରିଖ ସନ୍ଧ୍ୟାରେ ବିଶ୍ୱରଞ୍ଜନ ନିଜ ତେଜରାତି ଦୋକାନରେ ଥିବା ବେଳେ ହଠାତ୍ ବବ୍‌ଲୁ ଓ ତାଙ୍କ ସହଯୋଗୀ ତଥା ପୁରୀର ବିଭୂତି ରଥ ଓ ବାପି ଏକ ବାଇକ୍‌ରେ ସେଠାରେ ପହଞ୍ଚିଥିଲେ। ଏହାପରେ ବିଶ୍ୱରଞ୍ଜନଙ୍କୁ ଗୁଳିମାରି ହତ୍ୟା ଉଦ୍ୟମ କରିଥିଲେ। ସୌଭାଗ୍ୟବଶତଃ ସେଠାରେ ବିଶ୍ୱରଞ୍ଜନଙ୍କ ଅନ୍ୟ ଦୋକାନରେ ବସିଥିବା ତାଙ୍କ ମାମୁ ହରିହର ସ୍ୱାଇଁ ବିଶ୍ୱରଞ୍ଜନଙ୍କୁ ଠେଲି ଦେବାରୁ ଗୁଳି ଖସି ଯାଇଥିଲା। ପରେ ବବ୍‌ଲୁ ୨ୟ ରାଉଣ୍ଡ ଗୁଳି ଚଳାଇବାକୁ ଚେଷ୍ଟା କଲାବେଳେ ହରିହର ତାଙ୍କୁ ମାଡି ବସିଥିଲେ। ଧସ୍ତାଧସ୍ତି ଭିତରେ ଗୁଳି ହରିହରଙ୍କ ଜଂଘରେ ବାଜିଥିଲା। ବବ୍‌ଲୁ ଫେରାର ହେବାକୁ ଚେଷ୍ଟା କଲାବେଳେ ସେଠାରେ ଉପସ୍ଥିତ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ହେଲେ ଅନ୍ୟ ୨ ଅଭିଯୁକ୍ତ ଖସି ଯାଇଥିଲେ। ବବ୍‌ଲୁଙ୍କ ନାମରେ ଜଗତ୍‌ସିଂହପୁର ଥାନାରେ ୪ଟି ଓ କଟକ ଜଗତ୍‌ପୁର ଥାନାରେ ୧ଟି ଆପରାଧିକ ମାମଲା ରହିଛି। ଜଗତ୍‌ସିଂହପୁର ଥାନାରେ ଥିବା ମାମଲାଗୁଡିକ ହେଲା ୧୯୨/୨।୭।୧୪ (ଦଫା ୩୮୫/୪୩୬୫୦୬/୫୦୭/୩୪ ଆଇପିସି)/ ୧୨୦-ବି ଆଇପିସି, ୧୯୩/ ୨।୭।୧୪ (ଦଫା ୩୮୫/ ୫୦୬/ ୫୦୭/ ୧୨୦-ବି/ ୩୪ ଆଇପିସି), ୨୭୦/୨୬।୧୦।୧୮ (ଦଫା ୩୯୨/୩୪ ଆଇପିସି) ଓ ମାମଲା ସଂଖ୍ୟା ୨୮୧/୧୬।୧୧।୧୮ (ଦଫା ୫୦୬/ ୨୯୪/ ୩୮୬/ ୩୦୭/ ୩୨୪/ ୩୨୬/ ୩୯୨ ଆଇପିସି/ ୨୫/୨୭ ଆର୍ମସ୍ ଆକ୍ଟ)। ଜଗତ୍‌ପୁର ଥାନା ମାମଲା ସଂଖ୍ୟା ହେଉଛି ୨୩୫/ ୨୪।୧୧।୧୬ (ଦଫା ୪୫୭/୩୯୫ ଆଇପିସି)। ଆୟୋଜିତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ସୁଯୋଗ୍ୟ ମିଶ୍ର, ଜଗତ୍‌ସିଂହପୁର ଥାନା ଆଇଆଇସି ରଜନୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ନଭେମ୍ବର ୧୯/୨୦୧୮ Bhubaneswar, Monday, November 19 / 2018

■ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆଉ ୩ ଦିନ

# ଦାମଙ୍କ ସହ ମଞ୍ଚରେ କିଏ

ପାରାଦୀପ,୧୮।୧୧(ସ୍ୱ.ପ୍ର.)

■ ଚୂଡ଼ାନ୍ତ ହୋଇପାରୁନି ଅତିଥି ଚୟନ
■ ଉଦ୍‌ଘାଟନ କରିବାକୁ ଆସି ନ ପାରନ୍ତି ମୁଖ୍ୟମନ୍ତ୍ରୀ
■ ପଛେଇ ଗଲାଣି ପ୍ରସ୍ତୁତି କାମ

ପାରାଦୀପର ପ୍ରସିଦ୍ଧ କଳିଙ୍ଗ ବାଲିଯାତ୍ରା ମହୋତ୍ସବକୁ ନେଇ ଏବେଠାରୁ ଉତ୍କଣ୍ଠା ପ୍ରକାଶ ପାଇଲାଣି। ଅନ୍ୟବର୍ଷଗୁଡିକ ତୁଳନାରେ ଚଳିତବର୍ଷ ଏଥିରେ ଅଧିକ ରାଜନୈତିକ ଛୁଙ୍କ ଅନୁଭୂତ ହେଉଛି। କାରଣ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆୟୋଜନରେ ସବୁବେଳେ ମୁଖ୍ୟ ପୁରୋଧା ଭାବେ ରହୁଥିବା ସ୍ଥାନୀୟ ବିଧାୟକ ଡା. ଦାମୋଦର ରାଉତ ଇତିମଧ୍ୟରେ ବିଜେଡିରୁ ବହିଷ୍କୃତ ହୋଇସାରିଛନ୍ତି। ଯେହେତୁ ସେ ସ୍ଥାନୀୟ ବିଧାୟକ ଭାବେ ମହୋତ୍ସବ କମିଟିର ସଦସ୍ୟ ଅଛନ୍ତି, ତେଣୁ ଉଦ୍‌ଘାଟନ ମଞ୍ଚରେ ଉପସ୍ଥିତ ରହିବେ। ତେଣୁ ତାଙ୍କ ସହିତ ମଞ୍ଚରେ ଆଉ କିଏ ଅତିଥି ଭାବେ ଉପସ୍ଥିତ ରହିବେ ତାହା ଆୟୋଜକମାନେ ସ୍ଥିର କରିପାରୁନାହାନ୍ତି। କାରଣ ଦାମ ଯେଭଳି ଭାବେ ବିଜେଡି ନେତା ଓ ରାଜ୍ୟ ସରକାରଙ୍କୁ ଶାଣିତ କଟାକ୍ଷ କରୁଛନ୍ତି, ମହୋତ୍ସବ ଉଦ୍‌ଘାଟନ ଉତ୍ସବରେ ଯଦି ସେମିତି କିଛି କଲେ ତାହେଲେ ଭିନ୍ନ ପରିବେଶ ସୃଷ୍ଟି ହେବ। ସେହିପରି ବାଲିଯାତ୍ରା ଉଦ୍‌ଘାଟନ କରିବାକୁ ଚଳିତଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିବେ କି ନାହିଁ ତାହା ରବିବାର ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟ ହୋଇପାରିନାହିଁ। ଏଥିପାଇଁ କାର୍ଡ ଛପାଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ପ୍ରସ୍ତୁତି କାମ ପଛେଇ ଗଲାଣି। ମୁଖ୍ୟମନ୍ତ୍ରୀ ଯଦି ନ ଆସନ୍ତି, ତେବେ ତାଙ୍କ ସ୍ଥାନରେ ଆଉ କିଏ ଆସିବେ ତାହାକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ରହିଛି।

ମହୋତ୍ସବ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ। ତେଣୁ ହାତରେ ଆଉ ମାତ୍ର ୩ ଦିନ ଥିବାବେଳେ ଏଯାବତ୍ ଅତିଥି ତାଲିକା ଚୂଡ଼ାନ୍ତ ହୋଇପାରୁନାହିଁ। ବିଧାୟକ ଭାବେ ଉକ୍ତ ଉତ୍ସବରେ ଯୋଗଦେବାକୁ ଦାମଙ୍କୁ ଆୟୋଜକ କମିଟି ତଥା ଜିଲା ପ୍ରଶାସନ ନିମନ୍ତ୍ରିତ କରିସାରିଛି। ସେ ମଧ୍ୟ ଯୋଗଦେବେ ବୋଲି ସମ୍ମତି ଦେଇଛନ୍ତି। ଅନ୍ୟ ଏକ ସୂଚନା ଅନୁସାରେ ଦାମ ଉଭୟ ଉଦ୍‌ଘାଟନ ଓ ଉଦ୍‌ଯାପନ ଉତ୍ସବରେ ନିଜର ଖାସ୍ ସମର୍ଥକଙ୍କୁ ନେଇ ଯୋଗଦେବାକୁ ଚିନ୍ତା କରୁଛନ୍ତି। କାରଣ ଯଦି ବାଲିଯାତ୍ରା ମହୋତ୍ସବ ମଞ୍ଚରେ ଦାମ ଉତ୍ସବ ବ୍ୟତିରେକ ଅନ୍ୟ କୌଣସି ରାଜନୈତିକ ବା ଦଳୀୟ ପ୍ରସଙ୍ଗ ଉଠାନ୍ତି ତେବେ ସେଠାରେ ବିରୋଧର ସମ୍ମୁଖୀନ ହେବେ। ଏଥିପାଇଁ ଏକପ୍ରକାର ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇପାରେ। ତେଣୁ ପ୍ରଶାସନ ପାଇଁ ମହୋତ୍ସବ ଆୟୋଜନ ଚଳିତଥର ସାମାନ୍ୟ ଅସହଜ ହୋଇଛି। ବାଲିଯାତ୍ରା ପ୍ରସ୍ତୁତି ବୈଠକଠାରୁ ଏ ପର୍ଯ୍ୟନ୍ତ ଯେତେ କାମ ହୋଇଛି ସବୁଥିରେ ଦାମଙ୍କୁ ଦୂରେଇ ରଖାଯାଇଛି। ଦାମ ମଧ୍ୟ କୌଣସି କଥାରେ ମୁଣ୍ଡ ପୁରାଉ ନାହାନ୍ତି, ହେଲେ ଏହାକୁ ନେଇ ତାଙ୍କ ମନରେ ଅସନ୍ତୋଷ ରହିଛି। ତେଣୁ ପ୍ରତିବର୍ଷ ବାଲିଯାତ୍ରା ଶୋଭନିୟର ପାଇଁ ସେ ଯେଉଁ ପ୍ରବନ୍ଧ ଲେଖୁଥିଲେ, ଚଳିତବର୍ଷ ଲେଖିବେ ନାହିଁ ବୋଲି ରୋକଠୋକ୍ ମନା କରିଦେଇଛନ୍ତି। ଅନ୍ୟପକ୍ଷରେ ବାଲିଯାତ୍ରାର ଷ୍ଟଲ କାମ ଓ ସାଜସଜା ଜୋରଦାର ଚାଲିଛି। ୨୦୦ ସରକାରୀ ଷ୍ଟଲ, ପଲ୍ଲିଶ୍ରୀ ମେଳା, ଜିଲା ଶିଳ୍ପକେନ୍ଦ୍ରରେ ସ୍ୱତନ୍ତ୍ର ଷ୍ଟଲ, ଦୋଳି, ମିନାବଜାର, ଅପେରା ଆଦି କାମ ଜୋରସୋରରେ ଚାଲିଛି। ଏହା ବ୍ୟତିରେକ ଗ୍ରାଉଣ୍ଡ ପାଇଁ ୩୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଆବେଦନକାରୀ ଆବେଦନ କରିଛନ୍ତି। ବାଲିଯାତ୍ରା ମହୋତ୍ସବ ସ୍ଥଳକୁ ବୀମା କରିବା, ସମୁଦ୍ର କୂଳରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦେବା ପାଇଁ ସ୍ୱତନ୍ତ୍ର ନୀତି ହୋଇଛି। ଏବେଠାରୁ ବୁଲା ବ୍ୟବସାୟୀମାନେ ସମୁଦ୍ର କୂଳ ରାସ୍ତାରେ ପସରା ମେଲାଇଲେଣି। ଏପରିକି କେତେକ ବ୍ୟବସାୟୀ ଆଗୁଆ ଖୁଣ୍ଟ ପୋତି ଜାଗା ଦଖଲ କଲେଣି। ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ସାରା ରାଜ୍ୟରୁ ୧୩୫ ଆବେଦନ ଆସିଛି। ସେଥିରୁ ସାଂସ୍କୃତିକ କମିଟି ମାତ୍ର ୩୦ରୁ ୩୫ ଅନୁଷ୍ଠାନକୁ ଚୟନ କରିବେ।

■ ଅଜାଙ୍କ ଏକାଦଶାହକୁ ଆସି ଫେରିଲେନି ନାତି

# ହଂସୁଆ ସଫେଇରେ ବୁଡ଼ିଗଲେ ନାବାଳକ

**ରଘୁନାଥପୁର/ତିର୍ତ୍ତୋଲ, ୧୮।୧୧(ଡି.ଏନ.ଏ.):** ଅଜାଙ୍କ ଏକାଦଶାହକୁ ଆସି ଆଉ ଘରକୁ ଫେରିଲେନି ନାତି। ହଂସୁଆ ସଫେଇରେ ସାଙ୍ଗମାନଙ୍କ ସହ ଖେଳୁଥିବାବେଳେ ସଲୀଳ ସମାଧି ନେଲେ। ତିର୍ତ୍ତୋଲ ଥାନା ଛପଡା ପଞ୍ଚାୟତ ଜଇପୁର ଗାଁରେ ରବିବାର ପୂର୍ବାହ୍ନରେ ଘଟିଛି ଏଭଳି ଦୁଃଖଦ ଘଟଣା। ପ୍ରକାଶ ଯେ, ଜଇପୁର ଗ୍ରାମର ଧନେଶ୍ୱର ଦାସଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଆସିଥିଲେ ତାଙ୍କ ନାତି ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ

**ଜଣଙ୍କୁ ଉଦ୍ଧାର କଲେ ଗ୍ରାମବାସୀ**

ଅଲଣା ଗ୍ରାମର ସୁବାସ ଦାସଙ୍କ ପୁଅ ସୁଧାଂଶୁ ଓରଫ ସିଡୁ(୧୫)। ରବିବାର ସ୍ଥାନୀୟ ଅଞ୍ଚଳର ସଞ୍ଜୟ ଦାସଙ୍କ ପୁଅ ସାଗର ଓ ଅନ୍ୟ ୨ଜଣ ସାଙ୍ଗଙ୍କ ସହ ସେ ସଫେଇ ପାଖକୁ ଯାଇଥିଲେ। ସିଡୁ ଓ ସାଗର ଅତଡା ପାଖକୁ ଯାଇ ପାଣି କୂଳକୁ ଓହ୍ଲାଉଥିବା ବେଳେ ପାଣିରେ ପଡିଯାଇଥିଲେ। ଏହା ଦେଖି ଜଣେ ମହିଳା ପାଟି କରିବାରୁ କେତେଜଣ ଲୋକ ଦୌଡି ଆସିଥିଲେ। କଳ୍ପନା ନାମ୍ନୀ ଜଣେ ଯୁବତୀ ଏକ ବାଉଁଶ ଆଣି ସେମାନଙ୍କ ପାଖକୁ ପକାଇଥିଲେ। ସାଗର ବାଉଁଶକୁ ଧରି କୂଳକୁ ଚାଲିଆସିଥିଲେ। ହେଲେ ସିଡୁ ବୁଡି ଯାଇଥିଲେ। ଦମକଳ ବାହିନୀ ଆସି ଖୋଜାଖୋଜି କରି ପାଣିରୁ ସିଡୁଙ୍କୁ ଉଦ୍ଧାର କରି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଗର ଚିକିତ୍ସାଧୀନ ଅଛନ୍ତି।

ବୋହୂଙ୍କୁ ଅଶାଳୀନ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ରୋକିବା ବେଳେ ଶ୍ୱଶୁରଙ୍କୁ ଆକ୍ରମଣ

# ୩ ଦିନ କୋମାରେ ପଡ଼ିବା ପରେ ମୃତ୍ୟୁ

ନାଉଗାଁ,୧୮।୧୧(ସ୍ୱ.ପ୍ର.)

ବୋହୂଙ୍କୁ ଅଶାଳୀନ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ରୋକିବାକୁ ଯାଇ ଶ୍ୱଶୁରଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି ନାଉଗାଁ ବ୍ଲକ ଅଧୀନ ଗଜରାଜପୁର ପଞ୍ଚାୟତ ଭାତପଡ଼ା(ଖଇରା ହୋଲି) ଗ୍ରାମରେ। ୩ ଦିନ ତଳେ ଗ୍ରାମର ରାମଚନ୍ଦ୍ର ପରିଡ଼ାଙ୍କ ବୋହୂ ମନୋରମା ଏକାଥିବାବେଳେ ସେହି ଗ୍ରାମର ଉଲ୍ଲାସ ଭୋଇ ଆସି ତାଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ଏହି ସମୟରେ ଶ୍ୱଶୁର ରାମଚନ୍ଦ୍ର ପହଞ୍ଚି ଉଲ୍ଲାସଙ୍କୁ ରୋକିଥିଲେ। ଏତିକି ବେଳେ ଉଲ୍ଲାସ ରାମଚନ୍ଦ୍ରଙ୍କୁ ଏକ ଧକ୍କା ମାରିଥିଲେ। ଫଳରେ ସେ ତଳେ ପଡ଼ି ଅଚେତ ହୋଇ ଯାଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ସ୍ଥାନୀୟ ମେଡିକାଲକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୩ଦିନ କୋମାରେ ରହିବା ପରେ ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ମନୋରମା ଏ ନେଇ ନାଉଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ନଂ-୧୩୨।୧୮ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରଜ୍ଞା ପରମିତା କର ପ୍ରକାଶ କରିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯଦି ନୀଚ ଲୋକଠାରେ ଦିବ୍ୟ ଗୁଣ ଥାଏ, ତା'କୁ ଦରକାର ହେଲେ ଗ୍ରହଣ କରିବା ଉଚିତ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବିଭିନ୍ନ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ କୋର୍ଟ ଚାଲାଣ

କୋରେଇ,୧୮।୧୧(ସ୍ୱ.ପ୍ର.): ପାଣିକୋଇଲି ଓ କୋରେଇ ଥାନାର ବିଭିନ୍ନ ସ୍ଥାନରୁ ଚୋରିରେ ସମ୍ପୃକ୍ତ ଯୁବକଙ୍କୁ ପାଣିକୋଇଲି ପୋଲିସ ରବିବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ସମ୍ପର ଗ୍ରାମର ମୁନା ଜାଲିଆ(୨୫)। ହେଲେ କଟକ ଜିଲା ମାଲଗୋଦାମ ଥାନା ଅନ୍ତର୍ଗତ ପାତ୍ର ସାହିରେ ରୁହନ୍ତି। ଏ ନେଇ ପୋଲିସ ଏକ ମାମଲା(୧୬୮/୧୮) ରୁଜୁ କରିଛି। ପ୍ରକାଶ ଯେ, ପୋଲିସ ମୁନାଙ୍କୁ ଛୋଟରାୟପୁର ଛକରୁ ଗିରଫ କରିବା ସହ ତାଙ୍କ ନିକଟରୁ ବାଇକ୍ ଓ କିଛି ମାରଣାସ୍ତ୍ର ଜବତ କରିଛି।

### କ୍ୟାନ୍ସର ପୀଡିତ ଯୁବକଙ୍କୁ ସହାୟତା ଦାବି

ବରୀ,୧୮।୧୧(ସ୍ୱ.ପ୍ର.): ଯାଜପୁର ଜିଲା ବରୀ ବ୍ଲକ ଅଧୀନ ଅରୁଆଳ ଗ୍ରାମର କାର୍ତ୍ତିକ ଜେନା କ୍ୟାନ୍ସରରେ ପୀଡିତ ଅଛନ୍ତି। ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ହୋଇଛନ୍ତି। ଭାଜପା ନେତା ଆଶୁତୋଷ ପରିଡ଼ାଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା ଆଦାୟ କରାଯାଇ ଶନିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପାଇଁ ଆହୁରି ୪ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହିଛନ୍ତି। କାର୍ତ୍ତିକଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

### କର୍ଣ୍ଣଦାଣ୍ଡି ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା

ଦଶରଥପୁର, ୧୮।୧୧(ଡି.ଏନ.ଏ.): ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତ କର୍ଣ୍ଣଦାଣ୍ଡି ଗ୍ରାମରେ ବାବା କାର୍ତ୍ତିକେଶ୍ୱରଙ୍କ ପୂଜା ଶନିବାରଠାରୁ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ୨ ଶହ ବର୍ଷରେ ପଦାର୍ପଣ କରିଛି ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି । ୯ ଦିନ ଧରି ପୂଜା ହୋଇଥାଏ। ପୂଜାର ବିଶେଷତ୍ୱ ହେଉଛି ୯ ଦିନ ଧରି ଗାଁରେ ଚୁଲି ଜଳେ ନାହିଁ। ପ୍ରତ୍ୟେକ ଦିନ ଠାକୁରଙ୍କ ପାଖରେ ୩ ଓଳି ନିତିଅନ୍ନ କରାଯାଇ ଭୋଗ ଲାଗିବାପରେ ଗ୍ରାମବାସୀ ପୂଜା ମଣ୍ଡପ ନିକଟକୁ ଯାଇ ପ୍ରସାଦ ସେବନ କରିଥାନ୍ତି । ଶନିବାର ରାତିରେ କଳସ ବୁଡ଼ା ଯିବା ପରେ ମୃଣ୍ମୟୀ ମୂର୍ତ୍ତିରେ ଘଟ ସ୍ଥାପନ ହୋଇ ଠାକୁରଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ପୂଜା ମଣ୍ଡପକୁ ଆକର୍ଷଣୀୟ ଭାବେ ସଜା ହୋଇଥିଲା। ପୂଜାରେ ମନ୍ମଥ କୁମାର ପଣ୍ଡା ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ସଂକଳ୍ପ କରିଥିବାବେଳେ ପୂଜକ ପୁରୁଷୋତ୍ତମ ପଣ୍ଡା, ଦିନେଶ ପଣ୍ଡା ପୂଜାର୍ଚ୍ଚନା କରୁଛନ୍ତି। ପୂଜାମଣ୍ଡପ ନିକଟରେ ଉଠାଦୋକାନ ପଡିଥିବାର ଦେଖାଯାଉଛି । ପୂଜା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ପ୍ରତ୍ୟେକ ସନ୍ଧ୍ୟାରେ ପୂଜାମଣ୍ଡପ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଶେଷ ଦୁଇ ରାତି ବିନା ମୂଲ୍ୟରେ ଦର୍ଶକମାନେ ଯାତ୍ରା ଦେଖିବେ। ପୂଜା କମିଟି ସଭାପତି ଭାବେ ଦାମୋଦର ରାଉତ ଓ ସମ୍ପାଦକ ଭାବେ ଚେମାନନ୍ଦ ବେହେରା ପୂଜା ପରିଚାଳନା କରୁଛନ୍ତି।

■ ଶିଳ୍ପାନୁଷ୍ଠାନ ବର୍ଜ୍ୟବସ୍ତୁରେ ନଦୀଜଳ ପ୍ରଦୂଷିତ

# କମିଟି ଗଠନ ନିର୍ଦ୍ଦେଶ ଦେଲା ଏନ୍‌ଜିଟି

■ଡିସେମ୍ବର ୧୫ ସୁଦ୍ଧା ରିପୋର୍ଟ ଦାଖଲ ହେବ
■ଡିସେମ୍ବର ୧୯ରେ ଏନ୍‌ଜିଟିର ପରବର୍ତ୍ତୀ ଶୁଣାଣି

ଯାଜପୁର ଅଫିସ,୧୮।୧୧

ରାଜ୍ୟର ଅଧିକାଂଶ ନଦୀ ଅତ୍ୟଧିକ ପ୍ରଦୂଷିତ ହୋଇଛି। ଏହାର ତଦନ୍ତ ଓ ପ୍ରତିକାର ପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀଙ୍କ ନେତୃତ୍ୱରେ ଏକ ୫ଜଣିଆ କମିଟି ଗଠନ କରିବାକୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି) ଗତ ୨୦।୯।୨୦୧୮ ତାରିଖ ରାୟରେ ପାରା ୫୦(ii)ରେ ନିର୍ଦ୍ଦେଶ ଜାରି କରିଛନ୍ତି। କମିଟିରେ ପରିବେଶ ବିଭାଗ ନିର୍ଦ୍ଦେଶକ, ସହର ଉନ୍ନୟନ ନିର୍ଦ୍ଦେଶକ, ଶିଳ୍ପ ନିର୍ଦ୍ଦେଶକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ସଦସ୍ୟ ସଚିବ ସାମିଲ ହୋଇ ଏକ ଆକ୍ସନ ପ୍ଲାନ ତିଆରି କରିବେ। ଏହି କମିଟିକୁ ରିଭର ରେଜୁଭେନଶନ କମିଟି (ଆରଆରସି) ବୋଲି ନାମକରଣ କରାଯାଇଛି। ଏହି ମର୍ମରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଓଡ଼ିଶା ଏସପିସିବିକୁ ନିର୍ଦ୍ଦେଶ ଜାରି କରିଥିବାବେଳେ କମିଟି ଗଠନ କରିବାକୁ ପରାମର୍ଶ ଦେଇଛି। ଉକ୍ତ କମିଟି ଆସନ୍ତା ୧୫।୧୨।୨୦୧୮ ତାରିଖ ସୁଦ୍ଧା ରିପୋର୍ଟ ପ୍ରସ୍ତୁତ କରି ସିପିସିବିରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି । ଯାହାକି ଆସନ୍ତା ୧୯।୧୨।୨୦୧୮ରେ ଏନଜିଟିର ପରବର୍ତ୍ତୀ ଶୁଣାଣିରେ ଗ୍ରହଣ କରାଯିବ। ତେଣୁ ଯଥାଶୀଘ୍ର ରାଜ୍ୟ କମିଟି ଆରଆରସି ଗଠନ କରିବାକୁ ଏସପିସିବିର ସଦସ୍ୟ ସଚିବ ତାଙ୍କ ପତ୍ରସଂଖ୍ୟା ୧୩୬୪୩/ ୧୬।୧୧।୨୦୧୮ରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶକଙ୍କୁ ଜଣାଇଛନ୍ତି।

ରାଜ୍ୟର ଅଧିକାଂଶ ନଦୀ ଶିଳ୍ପାନୁଷ୍ଠାନ ଓ ସହରାଞ୍ଚଳରୁ ନିର୍ଗତ ବିଷାକ୍ତ ବର୍ଜ୍ୟବସ୍ତୁ ଦ୍ୱାରା ପ୍ରଦୂଷିତ ହେଉଛି। ସେଥିରୁ ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ଜଳ ବିଷାକ୍ତ ହେଉଛି। ବ୍ରାହ୍ମଣୀ ନଦୀଗର୍ଭରେ ସୁନ୍ଦରଗଡ, ଅନୁଗୋଳ, ଯାଜପୁର ଆଦି ଜିଲାରେ ଗଢି ଉଠିଥିବା ଶିଳ୍ପ କାରଖାନାର ବର୍ଜ୍ୟଜଳ ଛଡାଯାଉଛି। ଏହାସହ ରତ୍ନଗର୍ଭା ସୁକିନ୍ଦାର ଖଣି ବର୍ଜ୍ୟଜଳ ଡମଶାଳା ନାଳ ଦେଇ ବ୍ରାହ୍ମଣୀରେ ମିଶୁଛି। ଯାଜପୁର ଜିଲାର ଖରସ୍ରୋତା ନଦୀରେ କଳିଙ୍ଗନଗର ଶିଳ୍ପାଞ୍ଚଳର ସମସ୍ତ କାରଖାନାର ବିଷାକ୍ତ ବର୍ଜ୍ୟବସ୍ତୁ ମିଶୁଛି। ଉପରମୁଣ୍ଡରେ ଅନୁଗୋଳ ଓ ରାଉରକେଲାର ବିଭିନ୍ନ ଶିଳ୍ପ ବର୍ଜ୍ୟବସ୍ତୁ ମିଶିବା ଫଳରେ ବ୍ରାହ୍ମଣୀ ପାଣି ଜହର ହେଉଛି। ଏହା ପ୍ରତିବାଦରେ ଆନ୍ଦୋଳନ ହେବା ସହିତ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଗତ ୨୮।୮।୨୦୧୫ରେ ହାଇକୋର୍ଟ ଏହାର ବିଚାର କରି ଗଣ୍ଡନାଳର ଜଳ ପ୍ରଦୂଷଣକୁ ନେଇ ରାଜ୍ୟର ମୁଖ୍ୟ ଶାସନ ସଚିବ, ଶିଳ୍ପ, ଖଣି, ଜଳ ସମ୍ପଦ, ଜଙ୍ଗଲ ଓ ପରିବେଶ ସଚିବଙ୍କ ସମେତ ଏସପିସିବିର ଅଧ୍ୟକ୍ଷ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ଏବଂ ଝାରସୁଗୁଡା, ଯାଜପୁର, ତାଳଚେର ଓ କେନ୍ଦୁଝର ଜିଲାପାଳଙ୍କୁ ପକ୍ଷଭୁକ୍ତ କରିଥିଲେ। ବ୍ରାହ୍ମଣୀ ଓ ଏହାର ଶାଖା ନଦୀଗୁଡିକର ଜଳ ପ୍ରଦୂଷଣ ମୁକ୍ତ କରିବାକୁ ହାଇକୋର୍ଟ ତାଙ୍କ ରାୟରେ ପ୍ରକାଶ କରିଥିଲେ। ଏହି କ୍ରମରେ ଗତ ୨୪।୯।୨୦୧୫ରେ ଗଣ୍ଡନାଳର ଜଳ ପ୍ରଦୂଷଣ ରୋକିବାକୁ ତାହାର ତଟବର୍ତ୍ତୀ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅନଲାଇନ ମନିଟରିଂ ସିଷ୍ଟମ ଲଗାଇବାକୁ ଏସପିସିବି ପକ୍ଷରୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଏହାକୁ କେହି ମାନି ନ ଥିଲେ। ଏସପିସିବି ପକ୍ଷରୁ ମଧ୍ୟ ଏହାକୁ ଏଯାଏ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯାଇ ନାହିଁ । ଗତ ୨୦୧୫ ଡିସେମ୍ବର ୨୯ରେ ବ୍ରାହ୍ମଣୀ ନଦୀ କବାଟବନ୍ଧ, ଖରସ୍ରୋତା ନଦୀର ଟିସ୍କୋ ଇନଟେକ ପଏଣ୍ଟ(ମାର୍ଥାପୁର), ଗଣ୍ଡନାଳାର ଦେଉଳକଣା, ଗଣ୍ଡନାଳାର କୁସୁମପୁର ବ୍ରିଜ, ଗଣ୍ଡନାଳାର ମାର୍ଥାପୁର, ଖରସ୍ରୋତା ନଦୀ ଯୋକଡିଆ ବ୍ରିଜ ପାଖରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଆରମ୍ଭ ହୋଇଥିଲା। ଯେଉଁଥିରେ ତୀବ୍ର ବିଷାକ୍ତ ଦ୍ରବ୍ୟ ରହିଥିବା ଜଣାପଡିଥିଲା। ଏହି ନଦୀଜଳ ଉପରେ ନିର୍ଭର କରୁଥିବା ଜିଲାର ଦାନଗଦୀ, କୋରେଇ, ରସୁଲପୁର, ଯାଜପୁର, ବିଂଝାରପୁର ଓ ବରି ବ୍ଲକର ଶତାଧିକ ଗ୍ରାମବାସୀଙ୍କ ସମେତ ପ୍ରାଣୀଜଗତ ଉପରେ ଏହାର ଗଭୀର ପ୍ରଭାବ ଦେଖିବାକୁ ମିଳୁଛି । ଏ ସଂକ୍ରାନ୍ତରେ ଏସପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭାଗୀୟ ଉଚ୍ଚସ୍ତରରେ ଏନେଇ ନିଷ୍ପତ୍ତି ନିଆଯାଉଛି। ଏନଜିଟିର ନିର୍ଦ୍ଦେଶ ଅନୁସାରେ କମିଟି ଗଠନ କରି ଆବଶ୍ୟକ ତଦନ୍ତ ରିପୋର୍ଟ ଠିକଣା ସମୟରେ ଦେବାକୁ ବିଭାଗ ତତ୍ପର ରହିଛି।

### ଚା'ରେ ନିଶା ଦେଇ ଡ୍ରାଇଭରଙ୍କଠାରୁ ଲୁଟ୍

କୋରେଇ,୧୮।୧୧(ସ୍ୱ.ପ୍ର.)

କଟକରୁ ବିସ୍କୁଟ ନେଇ ଟ୍ରକ୍ (ଓଆର ୦୬ ୪୧୩୫) ଯୋଗେ ଯାଜପୁରରୋଡକୁ ଆସିଥିବା ଟ୍ରକ୍ ଡ୍ରାଇଭରଙ୍କୁ ଶନିବାର ରାତିରେ ଜଣେ ଯୁବକ ପାଣିକୋଇଲିର ଏକ ମିଲ୍‌ରୁ ଧାନ ନେଇ ବାଲେଶ୍ୱର ଜିଲା ଶେରଗଡ଼ ଯିବା ପାଇଁ କହିଥିଲେ। ଡ୍ରାଇଭର ଜଣକ ହେଲେ ମୟୂରଭଞ୍ଜ ଜିଲା ବାରିପଦା ଅଞ୍ଚଳର ମାଖନ ସିଂ। ମାଖନ ଓ ସମ୍ପୃକ୍ତ ଯୁବକଙ୍କ ମଧ୍ୟରେ ଭଡ଼ା ଛିଡ଼ିବା ପରେ ସମ୍ପୃକ୍ତ ଯୁବକ ଜଣକ ମାଖନ ଓ ହେଲ୍‌ପର ନିଖିଲ ଦାସଙ୍କୁ ଚା' ପିଇବାକୁ ଡାକିଥିଲେ। ଚା' ପିଇବାର କିଛି ସମୟ ପରେ ସମ୍ପୃକ୍ତ ଡ୍ରାଇଭର ଏବଂ ହେଲ୍‌ପର ଚେତାଶୂନ୍ୟ ହୋଇପଡ଼ିଥିଲେ। ଏହି ସୁଯୋଗରେ ସମ୍ପୃକ୍ତ ଯୁବକ ସେମାନଙ୍କୁ ପାଣିକୋଇଲି-କୋରେଇ ରାସ୍ତାର ବେଙ୍ଗାସାହି ନିକଟରେ ପକାଇ ଦେଇ ତାଙ୍କ ପାଖରେ ଥିବା ୮ ହଜାର ଟଙ୍କା, ମୋବାଇଲ ନେଇ ପଳାଇ ଯାଇଥିଲେ। କିଛି ସମୟ ପରେ ସାମାନ୍ୟ ଚେତା ଆସିବାରୁ ମାଖନ ମଙ୍ଗୁଳିରେ ରହୁଥିବା ତାଙ୍କ ପୁଅ ଚରଣଜିତଙ୍କୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇ ପୁଣି ବେହୋସ ହୋଇଯାଇଥିଲେ। ଚରଣଜିତ୍ ମାଖନ ଏବଂ ନିଖିଲଙ୍କୁ ଉଦ୍ଧାର କରିବା ପରେ ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ଚରଣଜିତ୍ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ମାଖନ ଏବଂ ନିଖିଲଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଅଜୟ କୁମାର ଜେନା କହିଛନ୍ତି।

■ ୭ମ ଦିନରେ ଗଣଧାରଣା

## ସାମିଲ ହେଲେ ଚାନ୍ଦପୁର ସିଦ୍ଧମହାବୀର କ୍ଲବ ସଭ୍ୟ

କୋରେଇ,୧୮।୧୧(ସ୍ୱ.ପ୍ର.)



ଧାରଣାସ୍ଥଳରେ ବସିଥିବା ସିଦ୍ଧମହାବୀର କ୍ଲବ ସଭ୍ୟ।

ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଡାକରାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦିଆଯାଇଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ରବିବାର ୭ମ ଦିନରେ ପହଞ୍ଚିଛି । ରବିବାର ସିଦ୍ଧ ମହାବୀର କ୍ଲବ ଚାନ୍ଦପୁର ପକ୍ଷରୁ ଧାରଣା ଦିଆଯାଇଛି । ଶିବ ପ୍ରସାଦ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଅଜିତ ରାଉତ, ପ୍ରଦୀପ ପଣ୍ଡା, ଅଶୋକ ପରିଡା, ଦିଲିପ କୁମାର ସାହୁ, ପ୍ରଦୀପ ପରିଡା, ଗୋଲେଖ ବେହେରା, ପ୍ରଭାତ ବେହେରା, ପ୍ରଦୀପ ରାଉତ, ଦୁଃଶାସନ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡାଇ, ଯୁଗ୍ମ ଆବାହକ ସୁବାସ ଧଳ, ସିପିଏମ ନେତା ପ୍ରଫୁଲ୍ଲ ନାୟକ, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, ନିର୍ମଳ ରଥ, ସନ୍ତୋଷ କୁମାର ବେହେରା, କୃଷକ ନେତା ବଳରାମ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

■ ଭାଉଜଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣା

## ନାବାଳକ ଦିଅର, ସହଯୋଗୀ ଗିରଫ

ବାଲିଚନ୍ଦ୍ରପୁର,୧୮।୧୧(ସ୍ୱ.ପ୍ର.)

ଭାଉଜ ଗାଧୋଇବା ସମୟରେ ମୋବାଇଲ ଯୋଗେ ଭିଡିଓ କରି ନାବାଳକ ଦିଅର ସହଯୋଗୀଙ୍କ ସହ ଭାଇରାଲ କରିବା ଘଟଣାରେ ବାଲିଚନ୍ଦ୍ରପୁର ପୋଲିସ ରବିବାର ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ସମୀର ବାରିକ(୧୯)। ପୋଲିସ ଏକ ମାମଲା(୧୮୬/୧୮) ରୁଜୁ କରି ସମୀରଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ନାବାଳକ ଜଣଙ୍କୁ ଯାଜପୁରସ୍ଥିତ ଜିଲା ଜୁଭେନାଇଲ ବୋର୍ଡକୁ ପଠାଯାଇଛି। ପ୍ରକାଶ ଯେ, ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ମହିଳା ଗାଧୋଇବା ସମୟରେ ତାଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଥିଲା। ଗତ ୧୬ ତାରିଖରେ ମହିଳାଙ୍କ ଶ୍ୱଶୁର ସମୀରଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ । ଭାଉଜ ଗାଧୋଇବା ସମୟରେ ନାବାଳକ ଜଣକ ନିୟମିତ ସ୍କାଏଲାଇଟ ମାଧ୍ୟମରେ ଦେଖୁଥିଲେ ଏବଂ ଏ ସମ୍ପର୍କରେ ଅନ୍ତରଙ୍ଗ ବନ୍ଧୁ ସମୀରଙ୍କୁ ଜଣାଇଥିଲେ। ତେବେ ଅଭିଯୋଗକାରୀଙ୍କ ପରିବାର ସହ ସମୀରଙ୍କର ପୂର୍ବଶତ୍ରୁତା ଥିଲା। ତେଣୁ ସମୀର ତାଙ୍କ ଘରକୁ ଯାଇପାରୁ ନ ଥିବାରୁ ସାଙ୍ଗ ମାଧ୍ୟମରେ ଏପରି ଭିଡିଓ କରି ଭାଇରାଲ କରିଥିଲେ ବୋଲି ଅଭିଯୋଗ ହେଉଛି।

## ରାଜ୍ୟସ୍ତରୀୟ ଆଦିବାସୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ଯାଜପୁରରୋଡ ବିଜୟୀ



ବିଜୟୀ ଟିମ୍‌କୁ ଅର୍ଥରାଶି ପ୍ରଦାନ କରାଯାଉଛି।

ଚଣ୍ଡିଖୋଲ,୧୮।୧୧(ଡି.ଏନ.ଏ)

ସିଦ୍ଧୁ କାହ୍ନୁ ସ୍ପୋର୍ଟ୍ସ ଆଣ୍ଡ କଲ୍‌ଚରାଲ ଆସୋସିଏଶନ ବଡ଼ଚଣା ଆନୁକୂଲ୍ୟରେ ଖଏରା ଖେଳପଡ଼ିଆଠାରେ ରବିବାର ରାଜ୍ୟସ୍ତରୀୟ ଆଦିବାସୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୟୂରଭଞ୍ଜ ଓ ଯାଜପୁରରୋଡ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଯାଜପୁରରୋଡ ୨/୧ ଗୋଲରେ ମୟୂରଭଞ୍ଜକୁ ହରାଇ ବିଜୟୀ ହୋଇଥିଲା। କଲଚରାଲ ଆସୋସିଏଶନ ସଭାପତି ବିଜୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଳିକ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସୁମତି ବାସ୍କେ, ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର, ଯୁବ ନେତା ଗଣେଶ୍ୱର ବରାଳ, ନିରଞ୍ଜନ ସେନାପତି, ପବନେଶ୍ୱର ଜେନା, ଦୀଲିପ କୁମାର ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ୧୫ ହଜାର ଓ ରନର୍ସ ଅପ୍ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଯତିନ୍ ପ୍ରସାଦ ବାରିକ୍, ଶ୍ୟାମ ସୁନ୍ଦର ବାସ୍କେ, ଉତ୍ତମ କୁମାର ବାରିକ୍ ପ୍ରମୁଖ ଖେଳ ପରିଚାଳନା କରିଥିଲେ।







## ରାଷ୍ଟ୍ରପତିଙ୍କଠାରୁ ସ୍ୱର୍ଣ୍ଣ ପଦକ ପାଇଲେ ହାଲନ

ବରୀ,୧୮।୧୧(ସ୍ୱ.ପ୍ର.)

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ଧାରପୁର ପଞ୍ଚାୟତ ନାଥପୁର ଗ୍ରାମର ନିର୍ମଳ ଯତି ଓ ଭାଗ୍ୟବତୀଙ୍କ ବଡ଼ ଝିଅ ହାଲନ କୃଷି ଗବେଷଣାରେ କୃତିତ୍ୱ ହାସଲ କରି ଗତ ଗୁରୁବାର ରାଷ୍ଟ୍ରପତିଙ୍କଠାରୁ ସ୍ୱର୍ଣ୍ଣ ପାଦକ ପାଇଛନ୍ତି। ଏ ନେଇ ବରୀ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ହାଲନ ବିହାରସ୍ଥିତ ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ଗବେଷଣା ବିଶ୍ୱବିଦ୍ୟାଳୟର ଛାତ୍ରୀ ଥିଲେ। ସେ ଖାଦ୍ୟ ଓ ପୁଷ୍ଟି ବିଷୟରେ ଗବେଷଣା କରି ସଫଳତା ପାଇଥିବା ପରିବାର ପକ୍ଷରୁ କୁହାଯାଇଛି। ବିଶ୍ୱବିଦ୍ୟାଳୟର ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଭାରତୀୟ କୃଷି ଗବେଷଣା କେନ୍ଦ୍ର ପକ୍ଷରୁ ତାଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା।

■ ସରପଞ୍ଚଙ୍କ ନାମରେ ମିଥ୍ୟା ଅଭିଯୋଗ

## ଏସ୍‌ପିଙ୍କୁ ଭେଟିଲା ଜିଲା ମହିଳା କଂଗ୍ରେସ

କୋରେଇ,୧୮।୧୧(ସ୍ୱ.ପ୍ର.)

ଯାଜପୁର ଜିଲା ଦଶରଥପୁର ସରପଞ୍ଚ ରଣଜିତ୍ ଦାସଙ୍କ ନାମରେ ଜନୈକା ମହିଳା ଅସଦାଚରଣର ମିଥ୍ୟା ଅଭିଯୋଗ କରିଛନ୍ତି। ଜଣେ ନିର୍ଦ୍ଦୋଷ ଜନପ୍ରତିନିଧିଙ୍କ ନାମରେ ଏପରି ମିଥ୍ୟା ଅଭିଯୋଗକୁ ବିରୋଧ କରି ଘଟଣାର ସଠିକ୍ ତଦନ୍ତ କରିବାକୁ ଜିଲା ମହିଳା କଂଗ୍ରେସ ପକ୍ଷରୁ ରବିବାର ଯାଜପୁର ଏସ୍‌ପି ଚରଣ ସିଂହ ମୀନାଙ୍କ ନିକଟରେ ଦାବି କରାଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ଦୀପ୍ତିରେଖା ମିଶ୍ର, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦକ ରଞ୍ଜିତା ରାଉତ, ଜିଲା ମହିଳା କଂଗ୍ରେସ ସଭାପତି ଆରତୀ ସ୍ୱାଇଁ, ରାଜ୍ୟ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବନ୍ଦିତା ପରିଡା, ଯାଜପୁର ବିଧାନସଭା ପ୍ରାର୍ଥୀ ସନ୍ତୋଷ ନନ୍ଦ, କୋରେଇ ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, ଯୁବ ନେତା ସଂଗ୍ରାମ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୯ ନଭେମ୍ବର, ୨୦୧୮



ଯିଏ ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ କିଛି ଦାନ ନ କରେ ତାହାଠାରୁ ହତଭାଗ୍ୟ ଆଉ କେହି ନାହିଁ
- ସେକ୍ସପିୟର



## ସଂକ୍ଷେପରେ

### ଟ୍ରାକ୍ଟରକୁ ପିଟିଲା ସ୍କୁଟି, ଜଣେ ଗୁରୁତର

ରସୁଲପୁର,୧୮।୧୧(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତ ନିକଟସ୍ଥ ଛୋଟରାୟପୁରର ଜାଡୁଆ ଛକରେ ରବିବାର ଅପରାହ୍ନରେ ଟ୍ରାକ୍ଟର ଓ ସ୍କୁଟି ଧକ୍କାରେ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ଚାଳକ ଜଣକ ପାଣିକୋଇଲି ଥାନା ଅନ୍ତର୍ଗତ ଖମଣ ପଞ୍ଚାୟତ ଠାକୁର ପାଟଣା ଗ୍ରାମର ନାରାୟଣ ବେହେରାଙ୍କ ପୁଅ ହରଗୌରୀ(୧୮) ବୋଲି ଜଣାପଡ଼ିଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଯାଜପୁର ରୋଡ କ୍ଷେତ୍ରୀୟ ଡାକ୍ତରୀଖାନାରେ ଚିକିତ୍ସା କରାଯାଇ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ହରଗୌରୀ ଓ ତାଙ୍କ ସାଙ୍ଗ ସେହି ଗ୍ରାମର ଅଶୋକ ଓଝାଙ୍କ ପୁଅ ଲକ୍ଷ୍ମୀଧର(୧୮) ସ୍କୁଟିରେ ଯାଜପୁର ରୋଡ ଆଡକୁ ଯାଉଥିଲେ। ସମ୍ମୁଖରେ ଯାଉଥିବା ଏକ ଟ୍ରାକ୍ଟର (ନଂ-ଓଡି୦୪ଏଲ୫୧୮୨) ହମ୍ପସ୍ ଦେଖି ହଠାତ ବ୍ରେକ୍ ମାରି ଦେଇଥିଲା। ପଛରୁ ସ୍କୁଟିରେ ଆସୁଥିବା ହରଗୌରୀ ଭାରସାମ୍ୟ ହରାଇ ଟ୍ରାକ୍ଟର ପଛକୁ ପିଟି ଦେଇଥିଲା। ସ୍କୁଟି ଚାଳକ ଗୁରୁତର ହୋଇଥିବା ବେଳେ ପଛରେ ବସିଥିବା ଆରୋହୀ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଯାଜପୁର ରୋଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚାଳକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଶଙ୍ଖଚିଲା-ଯାଜପୁର ରୋଡକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ବେଆଇନ ହମ୍ପସ୍ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

### ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ରସୁଲପୁର,୧୮।୧୧(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରଭାସିନୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ସମ୍ମାନିତ ରସୁଲପୁର ବିଡିଓ ଉମାକାନ୍ତ ପରିଡା, ଏବିଡିଓ ଅସିତ୍ କୁମାର ପାତ୍ର, ପ୍ରାକ୍ତନ ସରପଞ୍ଚ ଭାସ୍କର ସାହୁ, ଶିଶିର କୁମାର ମହାନ୍ତି, ସମିତିସଭ୍ୟ ବିଜୟ ଦାସ, ଯୁବନେତା ଦିଲୀପ ଦାସ, ଅଦ୍ୱୈତ ରାଉତ, ଅବସରପ୍ରାପ୍ତ ଶିକ୍ଷକ ଅଜୟ ମହାନ୍ତି, ଲକ୍ଷ୍ମୀକାନ୍ତ ଦାସ, ରବୀନ୍ଦ୍ର ବେହେରା, ଶିବ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ବିଜେଡି ସମ୍ପାଦକ ସୁବାସ ନାୟକ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁବ ବାହିନୀ ସଭାପତି ସୁରେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଯୁବତୀ ଓ ଯୁବକଙ୍କ ମଧ୍ୟରେ ନୃତ୍ୟ, ବକ୍ତୃତା, ଏକକ ଅଭିନୟ ଆଦି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀ ଅନୁଶ୍ରୀ ବରାଳଙ୍କୁ ପଞ୍ଚାୟତ ପକ୍ଷରୁ ମୁଁ ହିରୋ ଭାବେ ପୁରସ୍କୃତ କରାଯାଇଥିଲା। ବାହିନୀ ପକ୍ଷରୁ ସମ୍ପାଦକ ରାକେଶ ରଞ୍ଜନ ବେହେରା, କୋଷାଧ୍ୟକ୍ଷ ଗୋପିନାଥ ବାରିକ ଓ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସରିଲା ଯୁବ ମହୋତ୍ସବ, ବାହୁଡ଼ିଲେ କଳାକାର

ବିରଜାକ୍ଷେତ୍ର,୧୮।୧୧(ଡି.ଏନ୍.ଏ)



ମହୋତ୍ସବର ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

ଉତ୍ସାହ, ଉଦ୍ଦୀପନା ଓ ସମ୍ଭାବନାକୁ ନେଇ ଯାଜପୁର ସହରରେ ୩ଦିନ ଧରି ଚାଲିଥିବା ୨୪ତମ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ରବିବାର ସମାପନ ହୋଇଛି। ତିନିଦିନ ଧରି ଲୋକଙ୍କ ମନୋରଞ୍ଜନ କରିବା ପରେ ନିଜ ଅଞ୍ଚଳକୁ ବାହୁଡ଼ି ଯାଇଛନ୍ତି କଳାକାରମାନେ। ତେବେ ମହୋତ୍ସବସ୍ଥଳ ବାଳାଶ୍ରମ ପଡ଼ିଆରେ ହୋଇଥିବା ଯୁବ ମହୋତ୍ସବର ସମାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ରଞ୍ଜନ କୁମାର ଦାସ ଯୋଗଦେଇ ମହୋତ୍ସବ ମାଧ୍ୟମରେ ଜନସାଧାରଣଙ୍କ ମୁହଁରେ ହସ ଫୁଟାଇବା ଜିଲା ପ୍ରଶାସନର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ପୂର୍ବ ମହୋତ୍ସବ ଅନୁଭୂତିକୁ ପାଥେୟ କରି ଯୁବ ମହୋତ୍ସବ ସଫଳ ଭାବେ ଆୟୋଜିତ ହୋଇପାରିଛି। ମହୋତ୍ସବ ପ୍ରତିଯୋଗିତାର ଯୁଦ୍ଧ ନୁହେଁ, ଯୁବଶକ୍ତି ଶିଖରକୁ ଯାଇ ସଫଳ ଭାବେ ଜୀବନଯାପନ କରିବା ଯୁବବର୍ଗ ପାଇଁ ମହୋତ୍ସବର ଆହ୍ୱାନ ବୋଲି ମତବ୍ୟକ୍ତ କରିଥିଲେ। ସମାପନ ସଭା ପୂର୍ବରୁ ୩୦ଟି ଜିଲାର ଯୁବ କଳାକାରମାନେ ରହୁଥିବା ସ୍ଥଳରୁ ପାରମ୍ପରିକ ନୃତ୍ୟ ଗୀତ ସହ ଯାଜପୁର ସହର ପରିକ୍ରମା କରି ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଥିବା କୁସୁମାରେ ଏକତ୍ରିତ ହୋଇ କୁସୁମାର ମଜା ଉଠାଇଥିଲେ। ଏଥିସହ ଓଡ଼ିଶାରେ ଅନୁଷ୍ଠିତ ହେଉଥିବା ବିଶ୍ୱକପ୍ ହକି ପ୍ରତିଯୋଗିତା ପାଇଁ ଅଭିନନ୍ଦନ ବାର୍ତ୍ତାର ପ୍ରଚାରପତ୍ରରେ ସ୍ୱାକ୍ଷର କରିଥିଲେ। ଜିଲା ପ୍ରଶାସନ ପଦାଧିକାରୀମାନେ ସମାପନ ଶୋଭାଯାତ୍ରାରେ ସାମିଲ ହୋଇ କଳାକାରଙ୍କ ସହ ଆନନ୍ଦର ମଜା ନେଇଥିଲେ। ତିନିଦିନ ଧରି ଯୁବବର୍ଗ ପ୍ରତିଭାର ଅନ୍ୱେଷଣ ହେବାପରେ ରବିବାର ପୂର୍ବାହ୍ନରେ ସମାପନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସମାପନ ସଭାରେ ପ୍ରତିଯୋଗିତାରେ

## ରାଜ୍ୟସ୍ତରୀୟ ଯୁବ ମହୋତ୍ସବ

ବିଭିନ୍ନ ବିଭାଗରେ କୃତୀତ୍ୱ ଅର୍ଜନ କରିଥିବା ଯୁବବର୍ଗଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟସ୍ତରୀୟ ଯୁବ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ବିବେକାନନ୍ଦ ଜୟନ୍ତୀରେ ଜାତୀୟସ୍ତରରେ ହେଉଥିବା ଯୁବବର୍ଗ ପ୍ରତିଯୋଗିତାରେ ଭାଗନେବେ। ଏହି ସମାପନ ଉତ୍ସବରେ ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତି, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଯାଜପୁରର ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ପୂର୍ବତନ ବରିଷ୍ଠ ପାରିଷଦ ସନ୍ତୋଷ ମଲ୍ଲିକ, ଡିଏସ୍‌ପି ଅକ୍ଷୟ ଦାସ, ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମଲ୍ଲ, ଯାଜପୁର ତହସିଲଦାର ସୁଧୀର କୁମାର ମେହେର, ଯାଜପୁର ବ୍ଲକ୍ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ, ରାଜ୍ୟ ଯୁବ କ୍ରୀଡ଼ା ଅଧିକାରୀ ହରେଶ ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ପ୍ରମୁଖ ସାମିଲ ହୋଇଥିଲେ। ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି ସମାପନ ଉତ୍ସବକୁ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସମାପନ ଉତ୍ସବରେ ଜିଲାପାଳଙ୍କ ରଚିତ ଗୀତର ସିଡ଼ି କ୍ୟାସେଟ୍ ୩୦ଟି ଜିଲାର ଯୁବବର୍ଗଙ୍କୁ ପ୍ରଦାନ କରାଯାଇଥିଲା। ଉପରିସ୍ଥ ସମସ୍ତ ପଦାଧିକାରୀଙ୍କ ସହ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁଚରଣ ସୂତାର, ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ଜିଲାର ଅନ୍ୟ ବରିଷ୍ଠ ପଦାଧିକାରୀ ଓ ଯାଜପୁର ପୌରପାଳିକାର ପୂର୍ବତନ ପୌର ପରିଷଦଗଣ ଓ କର୍ମଚାରୀମାନେ ମହୋତ୍ସବକୁ ସଫଳ କରାଇବାରେ ସହଯୋଗ କରିଥିଲେ।



## କୁସୁମାରେ ନେଲେ ସେଲ୍‌ଫିର ମଜା

ଯାଜପୁର ସହରର ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା କୁସୁମା ପୋଖରୀର ସୌନ୍ଦର୍ଯ୍ୟକୁ ୨୪ତମ ଯୁବ ମହୋତ୍ସବର ଉଦ୍‌ଯାପନୀ ଦିବସ ଅବସରରେ ୩୦ଟି ଜିଲାର ଯୁବ କଳାକାର ଓ ପଦାଧିକାରୀମାନେ ଆସି ଉପଭୋଗ କରିଥିଲେ। କୁସୁମା ପୋଖରୀ ଓ ପାର୍କରେ ଭରପୁର ଆନନ୍ଦ ଉଠାଇଥିଲେ ଯୁବ କଳାକାରମାନେ। ଯୁବବର୍ଗର କଳାକାରମାନେ ବିଭିନ୍ନ ଢଙ୍ଗରେ କୁସୁମା ଅପରୂପ ଜଳରାଶିର ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଥିଲା।

## କଳାକାରଙ୍କ ସହ ନାଚିଲେ ପ୍ରଶାସନିକ ଅଧିକାରୀ



ରବିବାର ମହୋତ୍ସବର ଶେଷ ଦିନ ଥିବାରୁ ୩୦ଟି ଜିଲାର ଯୁବ କଳାକାର ଶୋଭାଯାତ୍ରାରେ କୁସୁମା ପୋଖରୀ ପରିଦର୍ଶନକୁ ଆସିଥିଲେ। ଏହି ଶୋଭାଯାତ୍ରାରେ ଜିଲାପାଳ ରଞ୍ଜନ କୁମାର ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ବିଭିନ୍ନ ଜିଲାର କଳାକାରଙ୍କ ସହ ନୃତ୍ୟ କରି ଭରପୁର ଆନନ୍ଦ ଉଠାଇଥିଲେ।

## ମନ ମୋହିଲା ଉପଜିଲାପାଳଙ୍କ ଗୀତ

ଯୁବ ମହୋତ୍ସବର ସମାପନ ଉତ୍ସବରେ ଉପଜିଲାପାଳଙ୍କ ସମ୍ବଲପୁରୀ ଗୀତ ଯୁବବର୍ଗଙ୍କ ହୃଦୟକୁ ଛୁଇଁଥିବା ପରିଲକ୍ଷିତ ହୋଇଥିଲା । ସମ୍ବଲପୁରୀ ଗାୟକ ହରିପାଲଙ୍କ ଗୀତ 'ହାୟ କୃଷ୍ଣ ହାୟ କୃଷ୍ଣ ବୋଲି ଯାଉ ମୋ ଜୀବନ' ଗୀତଟିକୁ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ସମାପନ ଉତ୍ସବରେ ଅତି ସୁଲଳିତ କଣ୍ଠରେ ଗାନ କରିଥିଲେ । ଉପଜିଲାପାଳଙ୍କ କଣ୍ଠସ୍ୱର ଯୁବବର୍ଗଙ୍କ ମନକୁ ଛୁଇଁବା ସହ ଉପଜିଲାପାଳ ଯୁବବର୍ଗଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ସମାପନ ଉତ୍ସବରେ ଯୁବ କଳାକାରମାନେ ମତପୋଷଣ କରିଥିଲେ।

## ୨୦୨୦ରେ ଜାତୀୟ ଯୁବ ମହୋତ୍ସବ

ରାଜ୍ୟର ୨୪ତମ ଯୁବ ମହୋତ୍ସବକୁ ଯାଜପୁର ଜିଲା ପ୍ରଶାସନ ଯାଜପୁର ସହରରେ ସଫଳତାର ସହ ଆୟୋଜନ କରିଥିବାରୁ ୨୦୨୦ରେ ଜାତୀୟ ଯୁବ ମହୋତ୍ସବ ଯାଜପୁର ସହରରେ ଅନୁଷ୍ଠିତ ହେବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସମାପନ ଉତ୍ସବରେ ସୂଚନା ଦେଇଥିଲେ । ଜାତୀୟ ଯୁବ ମହୋତ୍ସବ ପାଇଁ ରାଜ୍ୟର ସମସ୍ତ ଜିଲାମାନଙ୍କର ସହଯୋଗର ଆବଶ୍ୟକତା ଅଛି ବୋଲି ଜିଲାପାଳ କହିଥିଲେ ।

# 'ଗୋ-ସେବାରେ ମୋକ୍ଷ ପ୍ରାପ୍ତି ହୁଏ'

ରସୁଲପୁର,୧୮।୧୧(ଡିଏନଏ) ରସୁଲପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତର ମେଲଣ ପଡିଆରେ ବାଞ୍ଛାନିଧି ବୈଶାଖ ପୂର୍ଣ୍ଣିମା ଫାଉଣ୍ଡେଶନ-ନରସିଂହପୁର ପକ୍ଷରୁ ମାଗଣା ଗୋ ଚିକିତ୍ସା ଶିବିର ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ଉକ୍ତ ଫାଉଣ୍ଡେଶନ ପକ୍ଷରୁ ଯାଜପୁର ଜିଲା ଓ ଜିଲା ବାହାରର ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ମେଧାବୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ମାଗଣା ଗୋ ଚିକିତ୍ସା ଶିବିର ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତରୁ ଯୋଗ ଦେଇଥିବା ଗାଈ-ବାଛୁରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେଶନ ସଭାପତି ଭାସ୍କର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଜିତେନ୍ଦ୍ର କୁମାର କର, ମୁଖ୍ୟବକ୍ତା ଦୁର୍ଯ୍ୟୋଧନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଅର୍ଜୁନ ସାହୁ, ଜିଲା ପ୍ରାଣୀ ଚିକିତ୍ସାଧିକାରୀ ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇ ଗୋସେବା ମାଧବ ସେବା ବୋଲି ମତ ରଖିଥିଲେ। ଗୋ ସେବାରେ ମୋକ୍ଷ ପ୍ରାପ୍ତି ହୋଇଥାଏ। ତେଣୁ ଗୋ-ସମ୍ପଦର ସୁରକ୍ଷା ଦିଗରେ ପ୍ରତ୍ୟେକ ପରିବାର ଯତ୍ନବାନ ହେବା ଉଚିତ ବୋଲି ମତ ରଖିଥିଲେ। ଏହି ଅବସରରେ ରସୁଲପୁର ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସୁନାକର ସାମଲ ଓ ରକ୍ତଦାତା ନିରୋଜ କୁମାର ପୋଥାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ବିଶ୍ୱଜିତ୍ ଦାସଙ୍କୁ ଆର୍ଥିକ ସହାୟତା ରାଶି ବାବଦକୁ ଚେକ୍ ପ୍ରଦାନ କରାଯାଇଥିଲା । ସନାତନ ପ୍ରଭୂଙ୍କ ଗାଈକୁ ପୁରସ୍କୃତ କରାଯାଇଥିଲା। ସଭାରେ ଫାଉଣ୍ଡସେନର ସଂପାଦକ ଗୋପିନାଥ ବୈଶାଖ ବିବରଣୀପାଠ କରିଥିଲେ। ବରିଷ୍ଠ ସଭ୍ୟ ଲୋକନାଥ ବୈଶାଖ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଖରୀରେ ବୁଡି ଛାତ୍ରଙ୍କ ମୃତ୍ୟୁ

ରସୁଲପୁର,୧୮।୧୧(ଡିଏନଏ) ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବଡଫୁଲାଡି ଗ୍ରାମର ରଞ୍ଜିତ ପ୍ରଧାନଙ୍କ ପୁଅ ଯୁକ୍ତ ୩ କଲେଜ ଛାତ୍ର ରଜତ(୧୮)ଙ୍କର ଅକାଳ ବିୟୋଗ ଘଟିଛି। ରଜତ ପୋଖରୀରେ ଗାଧୋଉଥିବା ବେଳେ ବୁଡି ମୃତ୍ୟୁବରଣ କରିଛନ୍ତି। ରବିବାର ପୂର୍ବାହ୍ନରେ ରଜତ ବେତଣ୍ଡା ମଠ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତାଙ୍କ ଗୋଡ ଖସିଯିବାରୁ ସେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାତ୍ର ପରିବାର ଲୋକେ ତାହା ଗ୍ରହଣ ନ କରି କଟକ ନେଇ ଯାଇଥିଲେ । ସେଠାରେ ଡାକ୍ତର ତାକୁ ମୃତ ବୋଲି ଘୋଷଣା କରିଥିଲେ । କଟକରେ ଶବ ବ୍ୟବଚ୍ଛେଦ କରାଯାଇ ପିରବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସେ ବରୀ ବ୍ଲକ ଅଧିନ କାଇପଡା କଲେଜରେ ପଢୁଥିଲେ।

# ଭାଜପା ପକ୍ଷରୁ ଜନପରାମର୍ଶ ଯାତ୍ରା

ରସୁଲପୁର,୧୮।୧୧(ଡିଏନଏ)





ଭାଜପା ପକ୍ଷରୁ ବାହାରିଥିବା ଜନପରାମର୍ଶ ଯାତ୍ରା।

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତରେ ଭାଜପା ପକ୍ଷରୁ ରବିବାର ଜନପରାମର୍ଶ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଦଯାତ୍ରାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦଇ ପଞ୍ଚାୟତର ସିଂହାପୁର, ଦନେଇପୁର, ଜଗନ୍ନାଥପୁର, ବ୍ରାହ୍ମଣବାଡ, ଗୋପିନାଥପୁର, ହରିଡାପାଳ ପ୍ରମୁଖ ଗାଁର ଘରଘର ବୁଲିଜନସାଧାରଣଙ୍କୁ ଭେଟିଥିଲେ। ବିଜେଡି ଶାସନ କାଳରେ ସମଗ୍ର ରାଜ୍ୟ ବିଭିନ୍ନ ଦୁର୍ନୀତି ସମ୍ପର୍କରେ ଜନଜାଗରଣ ସୃଷ୍ଟି କରିବାକୁ ଆହ୍ୱାନ ଜଣାଇଥିଲେ। କେନ୍ଦ୍ରର ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଦଳୀୟ କର୍ମୀମାନେ ଜନସାଧାରଣଙ୍କୁ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାପରିଷଦ ସଦସ୍ୟ ରଶ୍ମୀରଞ୍ଜନ ନାୟକ, ଭାଜପା ନେତା ଚୈତନ୍ୟ ସାମଲ, ବାରବାଟୀ ଜୋନ ପ୍ରଭାରୀ ରଘୁନାଥ ବେହେରା, ସୁକିନ୍ଦା ନିର୍ବାଚନ ମଣ୍ଡଳି ପ୍ରଭାରୀ ନିରଞ୍ଜନ ବେହରା, ଗଗନ ବିହାରୀ ଦାସ, ଯୁବନେତା ମଣ୍ଟୁ ସାମଲ, ମହେନ୍ଦ୍ର ପଣ୍ଡା, ଦିଲୀପ ରଥ, ପ୍ରକାଶ ବଳ, କାମଦେବ ରାଉତ, ନିରୋଜ ନାୟକ, ପ୍ରଫୁଲ ନାୟକଙ୍କ ସମେତ ପଞ୍ଚାୟତରୁ ୩ଶହରୁ ଉର୍ଦ୍ଧ୍ୱ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ । ଭାଜପା ପକ୍ଷରୁ ପ୍ରତ୍ୟେକ ଦିନ ଗୋଟିଏ ଲେଖାଏଁ ପଞ୍ଚାୟତରେ ଜନପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶାସକ ବିଜେଡିର ଜନସମ୍ପର୍କ ପଦଯାତ୍ରାକୁ ପ୍ରତିରୋଧ କରିବା ପାଇଁ ବିରୋଧୀ ଭାଜପା ପକ୍ଷରୁ ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଉଭୟ ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ନିର୍ବାଚନୀ ପ୍ରସ୍ତୁତି ଚଳାଇଛନ୍ତି।

■ ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷା-୨୦୧୮ ଅନୁଷ୍ଠିତ

# 'ବିଦ୍ୟାର୍ଥୀଙ୍କୁ ମୁକ୍ତ ବିହଙ୍ଗ କରିଦିଅ'

ରସୁଲପୁର,୧୮।୧୧(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ହାଇଟେକ୍ କଲେଜ ପରିସରରେ ରବିବାର ରାଜ୍ୟସ୍ତରୀୟ ମେଧା ଛାତ୍ରବୃତ୍ତି ପରୀକ୍ଷା-୨୦୧୮ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଉକ୍ତ ପରୀକ୍ଷାରେ ହଜାର ହଜାର ଛାତ୍ରୀଛାତ୍ର ଯୋଗଦେଇ ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ପ୍ରଥମ ୫ଟି ସ୍ଥାନ ଅଧିକାର କରିଥିବା କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାଛଡା ୧୦୦ଜଣ ଛାତ୍ରୀଛାତ୍ରଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କଲେଜର ଅଧ୍ୟକ୍ଷ ଅଲେଖ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ବିଜୁଳି ଚରଣ ସୂତାର, ମୁଖ୍ୟବକ୍ତା ପ୍ରଧାପକ କପିଳ ଚରଣ ମହାନ୍ତି, ସମ୍ମାନିତ ଅତିଥି ଭାବରେ କୁଆଖିଆ ଥାନା ଅଧିକାରୀ ଆଶିଷ କୁମାର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶୃଙ୍ଖଳିତ ଅଧ୍ୟୟନ ଉପରେ ଗୁରୁତ୍ୱାରୋପ କରିବା ସହ ବିଦ୍ୟାର୍ଥୀଙ୍କୁ ପିଞ୍ଜରାବଦ୍ଧ ନ କରି ମୁକ୍ତ ଆକାଶର ବିହଙ୍ଗ କରିଦେବାକୁ ପରାମର୍ଶ ଦେଇଥିଲେ। ଜଣେ ସ୍ୱାଧିନ ବିଦ୍ୟାର୍ଥୀ ପ୍ରାରମ୍ଭରେ କିଛି ଭୁଲ କରିପାରେ, ହେଲେ ସେ ଭୁଲରୁ ବଡ ଶିକ୍ଷା ମିଳିଥାଏ ବୋଲି ମତ ରଖିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ଚନ୍ଦ୍ରଶେଖର ନାୟକ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଲେଜ ନିର୍ଦ୍ଦେଶକ ସନ୍ତୋଷ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜର ଉପାଧକ୍ଷ ସନ୍ଦୀପ୍ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ଭଦ୍ରକ, ଢେଙ୍କାନାଳ, ମୟୁରଭଞ୍ଜ, ବାଲେଶ୍ୱର ଆଦି ଜିଲାରୁ ୪୮୦ଟି ହାଇସ୍କୁଲରୁ ୨୨୭୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପରୀକ୍ଷା ଖାତାକୁ ମୂଲ୍ୟାୟନ କରିବା ସକାଶେ କଲେଜର ୬୦ଜଣ ଅଧ୍ୟାପକ ଓ ହାଇଟେକ୍ ପବ୍ଲକ୍ ସ୍କୁଲର ୧୫ଜଣ ଶିକ୍ଷୟତ୍ରୀଶିକ୍ଷକ ନିୟୋଜିତ ହୋଇଥିଲେ। ସରକାରୀ କଲେଜରୁ ୧୦ଜଣ ଅଧ୍ୟାପିକା/ଅଧ୍ୟାପକଙ୍କୁ ନେଇ ଏକ ନୀରିକ୍ଷକ କମିଟି ଗଠନ କରାଯାଇ ପରୀକ୍ଷା ପରିଚାଳନା ଓ ଖାତା ମୂଲ୍ୟାୟନ କାର୍ଯ୍ୟକୁ ତଦାରଖ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଲାଲା ପାତ୍ରଙ୍କୁ ୭ହଜାର, ସତ୍ୟଜିତ୍ ନାୟକଙ୍କୁ ୫ହଜାର, ସୂର୍ଯ୍ୟସ୍ନାତା ସାମଲଙ୍କୁ ୩ହଜାର, ସ୍ୱାଗତୀକା ସାହୁଙ୍କୁ ୨ହଜାର, ବର୍ଷାରାଣୀ ସାହୁଙ୍କୁ ୧ହଜାର ଟଙ୍କା ଲେଖାଏଁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ମଞ୍ଚରେ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ସର୍ବଭାରତୀୟ ରେଡିଓ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କଲେଜ ପାଇଁ ସୁନାମ ଆଣିଥିବା ଛାତ୍ରୀ ଜ୍ୟୋତିରୂପା ମହାପାତ୍ର ପ୍ରାରମ୍ଭିକ ସଂଗୀତ ପରିବେଶ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ କଲେଜର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ରୌପ୍ୟ ପଦକ ବିଜେତା ସମ୍ବର୍ଦ୍ଧିତ

ଯାଜପୁର ଅଫିସ,୧୮।୧୧ ଆନ୍ତର୍ଜାତୀୟ ପାନ ପାସିଫିକ ଦୌଡ କୁଦ ପ୍ରତିଯୋଗିତାରେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୨ଟି ରୌପ୍ୟ ପଦକ ହାସଲ କରିଥିବା କ୍ରୀଡାବିତ୍ ବଜ୍ରବାହୁ ସୀମାନ୍ତ କେଶରୀ ସାମଲଙ୍କୁ ରବିବାର ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମ ପରିସରରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ସଂଯୋଜକ ଚିନ୍ତାମଣି ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସଭାପତି ବିଜୟ କୁମାର ଦାସ, ସମ୍ପାଦକ ଶିଶିର କୁମାର ରାଉତ, ଶ୍ରମିକ ନେତା ପ୍ରଫୁଲ୍ଲ ନାୟକ, ଆଇନଜୀବୀ ଦୁର୍ବାଦଳ ବସ୍ତୁ, ସମୁଦ୍ର ପଟ୍ଟନାୟକ, ପ୍ରାଣବନ୍ଧୁ ଜେନା, ମଦନମୋହନ ବେହେରା, ଧନେଶ୍ୱର ସାହୁ, ପ୍ରମୋଦ ବଳ, ଦୀପକ ପରିଡା, ପ୍ରକାଶ ବେହେରା, ଅଜୟ କୁମାର ଷଡଙ୍ଗୀ, ଅଜୟ ଦାସ, ସମରେନ୍ଦ୍ର ବର୍ଦ୍ଧନ, ଦେବ କଲ୍ୟାଣ ଦାସ, ସଞ୍ଜୀବ ମିଶ୍ର,ଗୟାଧର ବିଶ୍ୱାଳଙ୍କ ସମେତ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ପ୍ରମୁଖ ସାମଲଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

■ ଆଜିଠାରୁ ଯାଜପୁରର ୭ମ ଜିଲା ମହୋତ୍ସବ

# ପୁଣି ୩ଦିନ କମ୍ପିବ ସହର

ବିରଜାକ୍ଷେତ୍ର,୧୮।୧୧(ଡି.ଏନ୍.ଏ)

ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଗତ ଚାରିଦିନ ଧରି କମ୍ପୁଥିଲା ସହର। ଉଠୁଥିଲା ପଡୁଥିଲା ବାଳାଶ୍ରମ ପଡ଼ିଆ। ରବିବାର ଏହି ମହୋତ୍ସବ ଶେଷ ହୋଇଥିବା ବେଳେ ପୁଣି ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି ଯାଜପୁରର ୭ମ ଜିଲା ମହୋତ୍ସବ। ବୈତରଣୀ ନଦୀକୂଳରେ ଅବସ୍ଥିତ ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ଶାନ୍ତ, କମନୀୟ, ବର୍ଣ୍ଣାଢ଼୍ୟ ପରିବେଶରେ ଜିଲା ମହୋତ୍ସବ ଉଦ୍‌ଘାଟିତ ହେବ। ୩ଦିନ ଧରି ଜିଲା ମହୋତ୍ସବ ପାଳିତ ହେବ। ଏହି ଅବସରରେ ଜିଲା ମହୋତ୍ସବର ମୁଖପତ୍ର 'ଯଯାତି' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହେବ। ଯାଜପୁର ଜିଲାର ଐତିହ୍ୟ, ସଂସ୍କୃତି, ପରମ୍ପରା, କୀର୍ତ୍ତୀରାଜ, ସ୍ଥାପତ୍ୟ, କଳା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିକାଶ ଓ ପ୍ରଗତିର ବାର୍ତ୍ତା ଜିଲା ମହୋତ୍ସବରେ ସାରା ବିଶ୍ୱକୁ ପ୍ରଚାର କରାଯିବ। ଏହି ଅବସରରେ ଜିଲାର ନାରୀ ସଶକ୍ତିକରଣ ଓ କୃଷି ଓ କୃଷକର ବିକାଶ ଉପରେ ପର୍ଯ୍ୟାଲୋଚନା କରାଯିବ। ସୋମବାର ସନ୍ଧ୍ୟାର ଉଦ୍‌ଘାଟନ ଉତ୍ସବକୁ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତାଭାବେ ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥିଙ୍କ ସମେତ ଜିଲାର ଏମ୍‌ପି ଓ ବିଧାୟକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ରାଜନୀତିରେ ଜିଲାର ଅବଦାନ ଓ ବିକାଶରେ ଓଡ଼ିଶା ସହିତ ଜିଲା କେତେଦୂର ସହଯୋଗର ହାତ ବଢ଼ାଇଛି ତାହା ଉପରେ ମହୋତ୍ସବ ସ୍ଥଳରୁ ସାରା ଭାରତବର୍ଷକୁ ବାର୍ତ୍ତା ପ୍ରଚାର କରାଯିବ। ଜିଲାପାଳଙ୍କ ସଭାପତିତ୍ୱରେ ଏହି ଜିଲା ମହୋତ୍ସବ ଅନୁଷ୍ଠିତ ହେବ। ଜିଲାର ପ୍ରତିଭାଙ୍କ ବିକାଶ ପାଇଁ ଜିଲା ମହୋତ୍ସବ ଏକ ଉତ୍କୃଷ୍ଟ ଅବସର। ଉଦ୍‌ଘାଟନୀ ଉତ୍ସବ ଦିନ ମୁମ୍ବାଇର ବିଶିଷ୍ଟ କଣ୍ଠଶିଳ୍ପୀ ଉଦିତ ନାରାୟଣ ସଙ୍ଗୀତ ପରିବେଷଣ କରିବେ। ଦ୍ୱିତୀୟ ଦିନ ମୁମ୍ବାଇର କୈଲାସ ଖୈର ଓ ତୃତୀୟ ଦିନ ସନ୍ଧ୍ୟାରେ ବେନି ଦୟାଲ ସଙ୍ଗୀତ ପରିବେଷଣ କରିବେ। ଜିଲା ମହୋତ୍ସବ ଅବସରରେ ସମ୍ବଲପୁରୀ ନୃତ୍ୟ, ଓଡ଼ିଶୀ ନୃତ୍ୟ ପ୍ରଭୃତି ପରିବେଷଣ କରାଯିବ । ଜିଲା ମହୋତ୍ସବକୁ ସଫଳ କରିବାପାଇଁ ଜିଲାପାଳଙ୍କ ସହ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉଦ୍ୟମ ଜାରି ରଖିଛନ୍ତି।

## ସଂକ୍ଷେପରେ

### ତାରିଣୀ ମନ୍ଦିରରେ ନାଗ



**ଖଣ୍ଡପଡ଼ା,୧୮।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ଗ୍ରାମର ପ୍ରଭୁ ଶ୍ରୀ ସୋମନାଥ ଦେବଙ୍କ ପୀଠ ପରିସର ସ୍ଥିତ ମା ତାରେଣୀଙ୍କ ମନ୍ଦିରରେ ନାଗ ସାପଟିଏ ଦେଖାଦେଇଥିଲା। ରବିବାର ସକାଳ ୯ଟାରେ ଭକ୍ତମାନେ ପୂଜାର୍ଚ୍ଚନା କରୁଥିବା ବେଳେ ହଠାତ୍ ୫ ଫୁଟ ଲମ୍ବର ଏକ ନାଗ ମନ୍ଦିର ପରିସରରେ ଦେଖାଦେବାରୁ ଭୟଭୀତ ହୋଇପଡିଥିଲେ। ଏକ ପ୍ଲାଷ୍ଟିକ୍ ଚୌକି ଉପରେ ସାପଟି କିଛି ସମୟ ପାଇଁ ରହିଥିଲା। ତେବେ କୌଣସି କ୍ଷତି ନ କରି ସାପଟି ସେଠାରୁ ପରେ ଚାଲିଯାଇଥିଲା।

### ଶ୍ରୀରଘୁନାଥଜୀଉ ମନ୍ଦିରରେ ଭଜନ ପରିବେଷଣ



**ଓଡ଼ଗାଁ, ୧୮।୧୧(ସ୍ୱ.ପ୍ର.):** ସ୍ଥାନୀୟ ଶ୍ରୀରଘୁନାଥଜୀଉ ଭଜନ କମିଟି ଆନୁକୂଲ୍ୟରେ ଶନିବାର ଅଁଳା ନବମୀ ଅବସରରେ ମନ୍ଦିର ପରିସରରେ ଥିବା ଭଞ୍ଜ ମଣ୍ଡପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ରବୀନ୍ଦ୍ର ମହାରଣା ଓ ପ୍ରଫୁଲ୍ଲ ଡାକୁଆଙ୍କ ସଂଯୋଜନାରେ ବେତାର କଣ୍ଠ ଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ରଞ୍ଜନ କୁମାର ଦାଶ, ପ୍ରଶାନ୍ତ କୁମାର ମିଶ୍ର, ଯଶୋବନ୍ତ ପଟ୍ଟନାୟକ, କୈଳାସ ପାତ୍ର, ରାଜକିଶୋର ବାହିନୀପତି, ଶରତ ପୃଷ୍ଟି ଓ ଶିଶୁ କଣ୍ଠଶିଳ୍ପୀ ସୋନାଲି ଜେନା, ବିଭୁପ୍ରସାଦ ପୃଷ୍ଟି ପ୍ରମୁଖ ଭଜନ ପରିବେଷଣ କରିଥିଲେ । ଛବି, କାର୍ତ୍ତିକ ପ୍ରମୁଖ ବାଦ୍ୟଯନ୍ତ୍ର ପରିଚାଳନା କରିଥିଲେ।

### ଶରଦ ରାସୋତ୍ସବର ଅନ୍ତିମ ପର୍ଯ୍ୟାୟ

**ଖଣ୍ଡପଡା,୧୮।୧୧(ସ୍ୱ.ପ୍ର.):** ଶରଦ ରାସୋତ୍ସବର ଅନ୍ତିମ ପର୍ଯ୍ୟାୟ ସୋମବାରଠାରୁ ଶ୍ରୀନୀଳମାଧବ ଜୀଉଙ୍କ ରାସସ୍ଥଳୀରେ ପାରମ୍ପରିକ ରୀତିରେ ଅନୁଷ୍ଠିତ ହେବ । ଶ୍ରୀଜୀଉଙ୍କ ସମସ୍ତ ପୂଜାନୀତି ପରେ ରାତି ପ୍ରାୟ ସାଢ଼େ ୧୦ଟାରେ ଏହି ଉତ୍ସବ ଆରମ୍ଭ ହେବ । ପ୍ରଥମ ଦିବସ, ଏକାଦଶୀ ତିଥିରେ ଶ୍ରୀରାଧାଙ୍କ ସମେତ ଗୋପାଙ୍ଗନାମାନଙ୍କ ଫୁଲତୋଳା, ମଙ୍ଗଳବାର ଦ୍ୱାଦଶୀ ତିଥିରେ ଶ୍ରୀରାଧାକୃଷ୍ଣଙ୍କ ଦୋଳଲୀଳା, ବୁଧବାର ତ୍ରୟୋଦଶୀରେ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ମାନଭଞ୍ଜନ ପାଇଁ ଶ୍ରୀରାଧାଙ୍କୁ କାନ୍ଧରେ ବହନ କରି ପଥ ଚାଲିବା ଦୃଶ୍ୟ(ସ୍କନ୍ଧାରୋହଣ), ଗୁରୁବାର ଚତୁର୍ଦ୍ଦଶୀ ତିଥିରେ ମାନସିକ ପୂଜା ଓ ଶ୍ରୀରାଧାଙ୍କ ବୀରବେଶ ଏବଂ ଅନ୍ତିମ ଦିବସ ଅବସରରେ ଶୁକ୍ରବାର ପୂର୍ଣ୍ଣମୀ ତିଥିରେ ରାଧାକୃଷ୍ଣଙ୍କ ମଧ୍ୟରେ ପଶାଖେଳ ଓ ରାଇ ରାଜା ଦୃଶ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି । ପଞ୍ଚୁକ ୫ ଦିନ କାଳ ଏହି ରାସଲୀଳା ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେବ।

# ସଂରକ୍ଷିତ ଜଙ୍ଗଲରୁ ଅବାଧ ଗଛକଟା

**ନୟାଗଡ଼ ଅଫିସ,୧୮।୧୧**

■ କର୍ମଚାରୀଙ୍କ ଆଖିଆଗରେ ଖସିଗଲା କାଠ ବୋଝେଇ ଟ୍ରାକ୍ଟର

■ ବିଭାଗୀୟ କର୍ମଚାରୀ ଓ ମାଫିଆଙ୍କ ମଧ୍ୟରେ ସଲାସୁତୁରା ଚର୍ଚ୍ଚା

ନୟାଗଡ଼ ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ବଳରାମ ପାହାଡ଼ ଓ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ପଥୁରିଆପଡ଼ା ହରିଜନସାହି ସଂରକ୍ଷିତ ଜଙ୍ଗଲରୁ ଅବାଧରେ କଟାଯାଉଛି ମୂଲ୍ୟବାନ ଗଛ। ବିଭାଗର ଅଧିକାରୀଙ୍କୁ ହାତ କରି କାଠ ମାଫିଆମାନେ ଅବାଧରେ ସେମାନଙ୍କ ବ୍ୟବସାୟ ଚଳାଇଛନ୍ତି। ଏହି ଦୁଇ ଜଙ୍ଗଲରୁ ଅନେକ ସମୟରେ କାଠ ଚୋରି ହେଉଥିବା ନେଇ ଅଭିଯୋଗ ହେଉଥିଲେ ମଧ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଶନିବାର ସନ୍ଧ୍ୟାରେ ଏପରି ଏକ ଘଟଣା ବିଭାଗର ନିଷ୍କ୍ରିୟତାକୁ ପଦାରେ ପକାଇଛି। ବିଭାଗର ଜଣେ କର୍ମଚାରୀଙ୍କ ଆଖିଆଗରେ ଏକ ଟ୍ରାକ୍ଟର କାଠଧରି ପାର୍ ହୋଇଯାଇଛି। ଏହାକୁ ନେଇ କାଠ ମାଫିଆ ଓ କର୍ମଚାରୀଙ୍କ ମଧ୍ୟରେ ସଲାସୁତୁରା ହୋଇଥିବା ଚର୍ଚ୍ଚା ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ବଳରାମ ପାହାଡ଼ରୁ ଗଛ କଟାଯାଇ କାଠଗଣ୍ଡିଗୁଡ଼ିକ ଏକ ନମ୍ବରବିହୀନ ଟ୍ରାକ୍ଟରରେ ନିଆଯାଉଥିଲା। ବରପଲ୍ଲୀ ଛକଠାରେ କିଛି ଲୋକ ଟ୍ରାକ୍ଟର ଅଟକାଇ ଗଣାମାଧ୍ୟମ ପ୍ରତିନିଧି ଓ ବନ ବିଭାଗକୁ ଖବର ଦେଇଥିଲେ। ଗଣମାଧ୍ୟମର କିଛି ପ୍ରତିନିଧି ପହଞ୍ଚି ଲୋକଙ୍କଠାରୁ ଖବର ସଂଗ୍ରହ କରିଥିଲେ। ଏହି ସୁଯୋଗରେ ଡ୍ରାଇଭର ଟ୍ରାକ୍ଟର ନେଇ ଚାଲିଯାଇଥିଲେ। କିଛି ସମୟ ପରେ ବିଭାଗର ଜଣେ କର୍ମଚାରୀ ଆସି ପଚାରିବାରୁ ଲୋକେ ୪ଟି କାଠଗଣ୍ଡି ବୋଝେଇ କରି ଏକ ଟ୍ରାକ୍ଟର ଆଗରେ ଯାଉଥିବା ସୂଚନା ଦେଇଥିଲେ। ପାଖାପାଖି ୫୦୦ ମିଟର ଦୂର ଯାଇଥିବା ଟ୍ରାକ୍ଟରଟିକୁ ବନ କର୍ମଚାରୀ ଅଟକାଇ କଥା ହୋଇଥିଲେ। ଏହାପରେ କ'ଣ ହେଲା କେଜାଣି ଗୋଟିଏ ଗଣ୍ଡି କାଠ ପକାଇ ଟ୍ରାକ୍ଟର ଡ୍ରାଇଭର ଗାଡ଼ି ଓ ବାକି କାଠ ନେଇ ଫେରାର୍ ହୋଇଯାଇଥିଲେ। ସେଠାରେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବାରୁ ଗୋଟିଏ କାଠଗଣ୍ଡି ପିଙ୍ଗି ଦେଇ ଡ୍ରାଇଭର ଗାଡ଼ି ନେଇ ଛୁ ମାରିଥିବା କର୍ମଚାରୀ ଜଣଙ୍କ ସଫେଇ ଦେଇଥିଲେ। ଏ ସମ୍ପର୍କରେ ନୟାଗଡ଼ ରେଞ୍ଜର ସୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ, ବିଭାଗର କର୍ମଚାରୀ ଗଲାବେଳକୁ କାଠ ଚୋର ଜଣକ ଗୋଟିଏ ଗଣ୍ଡି ପକାଇ ଦେଇ ଗାଡ଼ି ନେଇ ଚାଲିଯାଇଥିଲେ। ତେବେ ଟ୍ରାକ୍ଟରଟି ଅଳ୍ପ ଦୂରରେ ଥିବାବେଳେ ବିଭାଗର କର୍ମଚାରୀ କିପରି ଧରି ପାରିଲେନି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ କୁହନ୍ତି, ଜଙ୍ଗଲରୁ କାଠ ଚୋରି ହେଉଥିବା ନେଇ ବନ ବିଭାଗକୁ ଜଣାଇଲେ ମଧ ଏ ଦିଗରେ ସେମାନେ ତତ୍ପରତା ଦେଖାଉ ନାହାନ୍ତି। ଫଳରେ ସଂରକ୍ଷିତ ଜଙ୍ଗଲରୁ ଶାଳ, ପିଆଶାଳ ଭଳି ମୂଲ୍ୟବାନ ଗଛ ଲୋପ ପାଇବାକୁ ବସିଲାଣି।





ଏହି ଟ୍ରାକ୍ଟରରେ ଯାଉଥିଲା ଚୋରା କାଠଗଣ୍ଡି। ଜଙ୍ଗଲରେ କଟାଯାଇଥିବା ଗଛ।

■ ପୋଲିସ ଜନସମ୍ପର୍କ ମୈତ୍ରୀ ଉତ୍ସବ

# ପୋଲିସ ଜନତାଙ୍କ ବନ୍ଧୁ




ମୈତ୍ରୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଗଣିଆ,୧୮।୧୧(ଡି.ଏନ୍.ଏ.)**

ନୟାଗଡ଼ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଚଳିତ ବର୍ଷର ପ୍ରଥମ ପୋଲିସ ଜନସମ୍ପର୍କ ମୈତ୍ରୀ ଉତ୍ସବ ରବିବାର ଗଣିଆ ଥାନା ବଡମୂଳ ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ ମୁଖ୍ୟଅତିଥି, ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଜର୍ଭ ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ପୃଷ୍ଟି, ସର୍ଜେଣ୍ଟ ସଞ୍ଜୟ କୁମାର ବାରିକି, ଗଣିଆ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଓ ଏଏସ୍ଆଇ ଅମୂଲ୍ୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ଜନତାଙ୍କ ବନ୍ଧୁ, ପୋଲିସ ସବୁସମୟରେ ଜନସାଧାରଣଙ୍କୁ ସହଯୋଗ କରିବାକୁ ପ୍ରସ୍ତୁତ। ପୋଲିସ ଜନତାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଦ୍ୱାରା ଅପରାଧ ନିୟନ୍ତ୍ରଣ ହେବା ସହ ସୁସ୍ଥ ପରିବେଶ ଗଠନ ହୋଇପାରିବ ବୋଲି ଆରକ୍ଷୀ ଅଧୀକ୍ଷକ କହିଥିଲେ। ବ୍ଲକ ଅଧ୍ୟକ୍ଷ ଗଣିଆ ଥାନା ଅଧିକାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଗଣିଆ ଅଞ୍ଚଳରେ ବହୁ ପରିମାଣରେ ଆପରାଧିକ କାର୍ଯ୍ୟକଳାପ ହ୍ରାସ ପାଇଥିବା କହିଥିଲେ । ଏଥିସହ ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇ ପୋଲିସକୁ ସହଯୋଗ କଲେ ଅଞ୍ଚଳରେ ଘଟୁଥିବା ଅପରାଧ ଖୁବ୍‌ଶୀଘ୍ର ରୋକାଯାଇପାରିବ ବୋଲି ମତ ରଖିଥିଲେ। ଉପାନ୍ତ ଅଞ୍ଚଳ ବଡମୂଳଠାରେ ଏକ ମୋବାଇଲ ଟାୱାର ନିର୍ମାଣ ପାଇଁ ସେହି ଗ୍ରାମର ପବିତ୍ର ମୋହନ ସାମଲ ଆରକ୍ଷୀ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସରରେ ଡାକ୍ତର ଦେବାଶିଷ ଦାଶଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବିତରଣ କରିଥିଲେ । ଅଞ୍ଚଳର ବଡମୂଳ, କୁତୁରୀ, ମୁଦୁଲିଗାଡିଆ, ବେଠିଆସାହି ଓ ବଡମୂଳ ମାଳିସାହି ଗ୍ରାମର ପୁରୁଷ ଓ ମାତୃମଣ୍ଡଳୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ଏହି ଦଳଗୁଡିକୁ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଥିଲା। ସେହିପରି ଅଞ୍ଚଳର ୮ ଭଲିବଲ୍ ଟିମ୍‌କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ସିଲ୍ଡ ସହ ଭଲିବଲ ଏବଂ ଅନ୍ୟ ଦଳଗୁଡିକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର, ମଶାରି, ଗ୍ରାମ୍ୟ ଗୋଷ୍ଠୀଙ୍କୁ ସୋଲାର ଲାଇଟ ଓ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସ୍କୁଲବ୍ୟାଗ ସହ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଅଞ୍ଚଳର ବୁଦ୍ଧିଜୀବୀ ଓ ଗ୍ରାମ ମୁଖିଆଙ୍କୁ ପୋଲିସ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

■ ଓଡ଼ଗାଁ ତହସିଲର ଗୋତିସାହି କାନକଟା ମୁଣ୍ଡିଆ

# ବେଆଇନ ଖଣିରୁ ଟ୍ରାକ୍ଟର, କମ୍ପ୍ରେସର ମେଶିନ ଜବତ



ଜବତ ହୋଇଥିବା ଟ୍ରାକ୍ଟର ।

**ଓଡ଼ଗାଁ, ୧୮।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଗୋତିସାହି ରାଜସ୍ୱ ମଣ୍ଡଳ ତଥା ଶରଣକୁଳ ଥାନା ଅଧୀନ କାନକଟା ମୁଣ୍ଡିଆରୁ ରବିବାର ସ୍ଥାନୀୟ ତହସିଲଦାର ବେଆଇନ ଭାବେ ପଥର ଫୁଟାଇବା ଅଭିଯୋଗରେ ଟ୍ରାକ୍ଟର ସହିତ ଗୋଟିଏ କମ୍ପ୍ରେସର ମେଶିନ ଜବତ କରିଛନ୍ତି । ସୂଚନା ଅନୁସାରେ ଦରପଦାଠାରୁ ଓଡ଼ଗାଁ ପୂର୍ତ୍ତ ବିଭାଗୀୟ ରାସ୍ତାର ଦକ୍ଷିଣପାର୍ଶ୍ୱରେ ଥିବା କାନକଟା ମୁଣ୍ଡିଆରେ ଦୀର୍ଘଦିନ ହେଲା ବେଆଇନ ଭାବେ ଗ୍ରାନାଇଟ ଖଣି ଚାଲିଥିବାବେଳେ ସ୍ଥାନୀୟ ତହସିଲଦାର ପ୍ରମୋଦ କୁମାର ନାୟକ ପୂର୍ବାହ୍ନରେ ଉକ୍ତ ମୁଣ୍ଡିଆରେ ଅଚାନକ ଚଡାଉ କରିଥିଲେ। ଓଆର୨୫ଡି-୫୫୯୪ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ସହିତ କମ୍ପ୍ରେସର ମେଶିନ ସେଠାରେ ବାରୁଦ ଭର୍ତ୍ତି କରିବା ନିମନ୍ତେ ଗର୍ତ୍ତ କରୁଥିବାବେଳେ ତହସିଲଦାରଙ୍କ ହାବୁଡରେ ପଡିଥିଲା। ଦୀର୍ଘଦିନ ହେଲା କାନକଟା ମୁଣ୍ଡିଆରୁ କେତେକ ଲୋକ ବେଆଇନ ଭାବେ ଗ୍ରାନାଇଟ ପଥର ଚାଲାଣ କରୁଥିବା ବେଳେ ମୁଣ୍ଡିଆରେ କମ୍ପ୍ରେସର ଲଗାଇ ଗର୍ତ୍ତ କରିବା ସହିତ ବାରୁଦ ଭର୍ତ୍ତି କରି ରାତିରେ ପଥର ଫଟାଉଥିବା ଅଭିଯୋଗ ହୋଇଆସୁଥିଲା। ସେମାନେ ବିନା ନୋଟିସରେ ଏସବୁ କାର୍ଯ୍ୟ କରୁଥିବାରୁ ନିକଟସ୍ଥ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଥିଲେ। ତହସିଲଦାର ଟ୍ରାକ୍ଟର ଓ କମ୍ପ୍ରେସର ମେଶିନ ଜବତ କରିବା ପରେ ଶରଣକୁଳ ଥାନାରେ ଆଇଆଇସି ମନୋଜ କୁମାର ଶତପଥୀଙ୍କ ଜିମା ଦେଇଥିବା ପ୍ରକାଶ କରିଛନ୍ତି। ଏଥିନିମନ୍ତେ ସରକାରୀ ନିୟମ ଅନୁସାରେ ଜରିମାନା ଆଦାୟ ସହିତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଏହି ମାମଲାରେ କେହି ଗିରଫ ହୋଇ ନ ଥିବା ଥାନା ଅଧିକାରୀ ଓ ତହସିଲଦାର ପ୍ରକାଶ କରିଛନ୍ତି ।

# ଚିଲିକା ଜଳରୁ ବୁଲେଟ୍ ମୋଟରସାଇକେଲ ଉଦ୍ଧାର

**ବାଲୁଗାଁ,୧୮।୧୧(ଡ଼ି.ଏନ.ଏ.)**

ବାଲୁଗାଁ ଚିଲିକା କୂଳ ମତ୍ସ୍ୟ ଜେଟି ଚିଲିକା ଜଳରୁ ଏକ ବୁଲେଟ୍ ମୋଟରସାଇକେଲକୁ ରବିବାର ସନ୍ଧ୍ୟାରେ ବାଲୁଗାଁ ପୋଲିସ ଉଦ୍ଧାର କରିଛି। ଓଡ଼ି୧୯କେ-୯୯୬୭ ନମ୍ବର ବିଶିଷ୍ଟ ମୋଟରସାଇକେଲର ମାଲିକ ଅନୁଗୋଳର ଜ୍ଞାନେନ୍ଦ୍ର ଜେନା ବୋଲି ଯାଞ୍ଚରୁ ଜଣାପଡ଼ିଛି। ଅପରାହ୍ନରେ କିଛି ମତ୍ସ୍ୟଜୀବୀ ଡ଼ଙ୍ଗା ଧରି ଜେଟିରେ ପହଞ୍ଚିବା ବେଳେ ଚିଲିକାକୂଳ ପାଣିରେ ଏକ ମୋଟରସାଇକେଲ ବୁଡ଼ି ରହିଥିବା ଜାଣିଥିଲେ। ଖବର ପାଇ ବାଲୁଗାଁ ପୋଲିସ ପହଞ୍ଚି ଦମକଳବାହିନୀ ଦ୍ୱାରା ଉକ୍ତ ବୁଲେଟ୍‌କୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି ।

# ହକି ବିଶ୍ୱକପ୍ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

■ ଡିସେମ୍ବର ୧୬ରେ ଜିଲା ଯୁବ ସମାବେଶ

■ ଏଲ୍‌ସିଡି ପରଦାରେ ଉଦ୍‌ଘାଟନୀ ଉତ୍ସବ ଦେଖିବେ ଦର୍ଶକ

**ନୟାଗଡ଼ ଅଫିସ,୧୮।୧୧**

ଓଡ଼ିଶାରେ ପ୍ରଥମଥର ପାଇଁ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଯାଉଛି ପୁରୁଷ ହକି ବିଶ୍ୱକପ। ଏହାକୁ ସ୍ମରଣୀୟ କରିବା ପାଇଁ ନୟାଗଡ଼ରେ ପଞ୍ଚାୟତରୁ ଜିଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କ୍ରୀଡ଼ା ଓ ଯୁବସେବା ବିଭାଗ ଅଧୀନସ୍ଥ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ପକ୍ଷରୁ ବିଜୁ ଯୁବବାହିନୀ ଏବଂ ଜିଲା କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଜିଲାରେ ନଭେମ୍ବର ୨୫ ତାରିଖରୁ ୧୬ ଡିସେମ୍ବର ପର୍ଯ୍ୟନ୍ତ ସବୁବର୍ଗର ଲୋକମାନଙ୍କୁ ନେଇ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ନୟାଗଡ଼ ଜିଲାପାଳ ଡା. ଏନ. ତିରୁମାଲା ନାୟକ୍‌ଙ୍କ ଅଧ୍ୟକ୍ଷତାରେ ଶନିବାର ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ୨୫ ତାରିଖରେ ଜିଲାସ୍ତରୀୟ ମିନି ମାରାଥନ୍ ସକାଳ ୭ଘଟିକା ସମୟରେ ଦକ୍ଷିଣକାଳୀ ମନ୍ଦିରଠାରୁ ଆରମ୍ଭ ହୋଇ ଡିଆରଡ଼ିଏ ରାସ୍ତା ଦେଇ ପୋଲିସ ପଡ଼ିଆରେ ଶେଷ ହେବ। ପ୍ରତ୍ୟେକ ପଞ୍ଚାୟତରେ ବିଜୁ ଯୁବବାହିନୀ ଆନୁକୂଲ୍ୟରେ ନିର୍ଦ୍ଧାରିତ ଦିନ ଓ ସମୟରେ ଗଣଦୌଡ଼ ଅନୁଷ୍ଠିତ ହେବ। ସେହିଭଳି ବିଶ୍ୱକପ ହକି ଉଦ୍‌ଘାଟନୀ ଉତ୍ସବକୁ ପଞ୍ଚାୟତଠାରୁ ଜିଲା ପର୍ଯ୍ୟନ୍ତ ଏଲସିଡି ପରଦା ମାଧ୍ୟମରେ ପ୍ରଦର୍ଶିତ କରାଯିବ। ୨୫ ନଭେମ୍ବରରୁ ୫ ଡିସେମ୍ବର ମଧ୍ୟରେ ପ୍ରତି ବ୍ଲକ ଓ ଏନ୍‌ଏସିରେ ଭଲିବଲ ପ୍ରତିଯୋଗିତା, ୨୫ ନଭେମ୍ବରରୁ ୧୬ ଡିସେମ୍ବର ପର୍ଯ୍ୟନ୍ତ ପଞ୍ଚାୟତ ଓ ଏନ୍‌ଏସିସ୍ତରୀୟ ଖେଳ ପ୍ରତିଯୋଗିତା ଏବଂ ୧୦ ଡିସେମ୍ବରରୁ ୧୬ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା ଜିଲା ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ହେବ । ଡିସେମ୍ବର ୧୬ରେ ଜିଲା ଯୁବ ସମାବେଶ ଓ ବିଶ୍ୱକପ୍ A ହକି ମହୋତ୍ସବର ଉଦ୍‌ଯାପନୀ ସମାରୋହ ସନ୍ଧ୍ୟା ୭ଘଟିକା ସମୟରେ ସିଧା ପ୍ରସାରଣ କରାଯିବ। ଜିଲା ଯୁବ ସମାବେଶରେ ଶ୍ରେଷ୍ଠ ତିନୋଟି ବିଜୁ ଯୁବବାହିନୀ ଦଳକୁ ସମ୍ମାନିତ କରାଯିବ । ସେହିଭଳି ଉକ୍ତ ଦିନ ଶ୍ରେଷ୍ଠ (ମୁଁ ହିରୋ) ୧୦ଜଣଙ୍କୁ ମଧ ସମ୍ମାନିତ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ଚରଣ ପାତ୍ର, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ, ବିଜୁ ଯୁବବାହିନୀର ଜିଲା ସଂଯୋଜକ ସୁବୋଧ ନାୟକ, ପ୍ରକଳ୍ପ ଅଧିକାରୀ କିଶୋର ଚନ୍ଦ୍ର ସାହୁ, ଅଭିଷେକ ପାଣ୍ଡେଙ୍କ ସମେତ ବ୍ଲକ ଓ ଏନ୍‌ଏସିର ବିଜୁ ଯୁବବାହିନୀର ସମସ୍ତ ସଂଯୋଜକ ଉପସ୍ଥିତ ଥିଲେ ।




DADLS-181



ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ସମାରୋହ
୧୯ ନଭେମ୍ବର ୨୦୧୮

ସାଧାରଣ ସଭା
ସମୟ – ସନ୍ଧ୍ୟା ଘ.୫.୩୦ ମିନିଟ୍ ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ଅରୁଣ କୁମାର ପଣ୍ଡା
ମୁଖ୍ୟବକ୍ତା – ପ୍ରଫେସର ରାଜକିଶୋର ମିଶ୍ର

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ସାଂସ୍କୃତିକ କାର୍ଯ୍ୟକ୍ରମ – ସୀତାଂଶୁ ଶେଖର ରାଉତ, ବଶିଷ୍ଠ କୁମାର, ପ୍ରେମ୍ କୁମାର, ଅଞ୍ଜନି ରାଉତରାୟ, ତପସ୍ୱିନୀ ଓ ଶ୍ୱେତପଦ୍ମାଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0400/1819

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୯ ନଭେମ୍ବର, ୨୦୧୮



ଯିଏ ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ କିଛି ଦାନ ନ କରେ ତାହାଠାରୁ ହତଭାଗ୍ୟ ଆଉ କେହି ନାହିଁ
- ସେକ୍ସପିୟର

## ସଂକ୍ଷେପରେ

ବ୍ରହ୍ମାକୁମାରୀ ପାଠଶାଳାର ବାର୍ଷିକ ଉତ୍ସବ

### ସତ୍‌ପଥର ପଥିକ ହେବା ପାଇଁ ଆହ୍ୱାନ




**ଖଣ୍ଡପଡ଼ା,୧୮।୧୧(ସ୍ୱ.ପ୍ର.):** ବାଣପୁର ବ୍ରହ୍ମାକୁମାରୀ ପାଠଶାଳାର ୩ୟ ବାର୍ଷିକୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚୈତନ୍ୟ ଲକ୍ଷ୍ମୀ ନାରାୟଣ ଝାଙ୍କି ନୂଆସାହିଠାରେ ଏହା ଅନୁଷ୍ଠିତ ହୋଇଛି। ବାଣପୁର ସରପଞ୍ଚ ପ୍ରଦୀପ କୁମାର କର ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଝଣ୍ଡା ଉତ୍ତୋଳନ କରିଥିଲେ। ଗଠନମୂଳକ କାର୍ଯ୍ୟରେ ବ୍ରହ୍ମାକୁମାରୀ ଭଉଣୀଙ୍କର ଅବଦାନ ଅତୁଳନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ଗଞ୍ଜାମ ଜିଲା ଛତ୍ରପୁର ବ୍ରହ୍ମାକୁମାରୀ ଶାଖାରୁ ଆସିଥିବା ବ୍ରହ୍ମାକୁମାର ସୀମାଞ୍ଚଳ ଭାଇ ଆଧାତ୍ମିକ ଜାଗୃତି ସମ୍ପର୍କରେ କହିଥିଲେ। ସେହିପରି କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବ୍ରହ୍ମା କୁମାରୀ ଜ୍ୟୋସ୍ନା, ସିନ୍ଧୁ, ରଞ୍ଜିତା, ମୀରା, ଖବରଦାତା ପ୍ରଭାକର ଶିରୋମଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

### ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ମହେନ୍ଦ୍ର ସ୍ୱାଇଁଙ୍କ ସ୍ମୃତିଚାରଣ

**ଖଣ୍ଡପଡ଼ା,୧୮।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ସମାଜସେବୀ ମହେନ୍ଦ୍ର କୁମାର ସ୍ୱାଇଁ(୭୦)ଜଣେ ଦରଦୀ ବନ୍ଧୁ ଥିଲେ। ସେ କେବଳ ଜଣେ ବ୍ୟକ୍ତି ନୁହନ୍ତି, ଏକ ଅନୁଷ୍ଠାନ। ରବିବାର ବେଣାଗାଡ଼ିଆଠାରେ ଆୟୋଜିତ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତିଚାରଣ ସଭାରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ । ଖଣ୍ଡପଡ଼ାର ବରିଷ୍ଠ ଆଇନଜୀବୀ ତଥା ଗ୍ରନ୍ଥକାର ଗିରିଜା ଶଙ୍କର ତରାସିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗ୍ରନ୍ଥକାର ଅରୁଣ କୁମାର ପଣ୍ଡା, ମନୋଜ କୁମାର ଦାଶ, ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟଙ୍କ ପ୍ରତିନିଧି ମାତୃ ପ୍ରସାଦ ମିଶ୍ର, ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି, କବି ମାଧବ ଚନ୍ଦ୍ର ସାମନ୍ତରାୟ ଓ ନିଖିଳ ଉତ୍କଳ କଂସାରୀ ସମାଜ ତଥା କଣ୍ଟିଲୋ ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା ପ୍ରମୁଖ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ବେଣାଗାଡ଼ିଆ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଯୋଗଦେଇଥିଲେ । ଅଧ୍ୟାପକ ହେମନ୍ତ କୁମାର ଜେନା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ଅବସରରେ କେନ୍ଦ୍ରାପଡ଼ା 'ରାଜ ଶ୍ରୀ କଳା ଓ ସାହିତ୍ୟ ସଂସଦ'ଆନୁକୂଲ୍ୟରେ 'ମହାନ୍ ମହେନ୍ଦ୍ର ଜୀବନାନୁଭୂତି' ଶୀର୍ଷକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା । ବେଣାଗାଡ଼ିଆରେ ଏକ ଭଜନ ସମାରୋହ ମଧ୍ୟ ଆୟୋଜିତ ହୋଇଥିଲା ।



### ଚକ୍ଷୁ ଚିକିତ୍ସା ଶିବିର

**ବାଲୁଗାଁ,୧୮।୧୧(ଡ଼ି.ଏନ.ଏ.):** ଚିଲିକା-ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ରବିବାର ବାଲୁଗାଁସ୍ଥିତ ଲିଟିଲ ୱାର୍ଲ୍ଡ ଇଂଲିଶ ମାଧ୍ୟମ ବିଦ୍ୟାଳୟଠାରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଆସିଷ୍ଟାଣ୍ଟ ଗଭର୍ନର ତାପସ କୁମାର ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିଲେ। ବାଲୁଗାଁ-ବାଣପୁର ଅଞ୍ଚଳର ୫୯ଜଣ ଚକ୍ଷୁ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା।

# ସୂଚନା ଅଧିକାର ଆଇନରେ ମିଳୁନି ତଥ୍ୟ

**ନୂଆଗାଁ ବ୍ଲକ**
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା
- ଅଧିକାରୀଙ୍କ ସମ୍ପୃକ୍ତି ନେଇ ଚର୍ଚ୍ଚା

**ନୂଆଗାଁ,୧୮।୧୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ ବଳରେ କିଛି ତଥ୍ୟ ମାଗିଲେ ତାହା ମିଳୁ ନ ଥିବା ଅଭିଯୋଗ ହେଉଛି। ଏପରିକି ଅଧିକାରୀଙ୍କୁ ଅପିଲ କଲାପରେ ବି ସୁଫଳ ମିଳୁନି।

ନୂଆଗାଁ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ କରାଯାଉଥିବା କାର୍ଯ୍ୟଗୁଡିକରେ ବ୍ୟାପକ ଅନିୟମିତତା ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଶ୍ରମିକମାନଙ୍କୁ ଶହେଦିନର କାମ ଯୋଗାଇଦେବା ପାଇଁ ସରକାର ସଂକଳ୍ପବଦ୍ଧ। ସେଥିପାଇଁ ଗାଁଠାରୁ ସହର ଯାଏ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ଏହି ଯୋଜନାରେ ସାମିଲ କରି ଶ୍ରମିକମାନଙ୍କୁ କାମ ଯୋଗାଇ ଦିଆଯାଉଛି। କିନ୍ତୁ ଅନେକ କ୍ଷେତ୍ରରେ ଠିକାଦାର ଅଧିକ ଲାଭ ଉଦ୍ଦେଶ୍ୟରେ ସେହି କାର୍ଯ୍ୟଗୁଡିକୁ ଶ୍ରମିକ ବଦଳରେ ମେଶିନ ମାଧ୍ୟମରେ କରାଉଛନ୍ତି। ଅଳ୍ପ କିଛି କାମ କରି ବିଭାଗୀୟ ଅଧିକାରୀଙ୍କୁ ହାତ କରି ଠିକାଦାର ସମସ୍ତ କାମର ଅନୁଦାନ ନେଉଛନ୍ତି। ନିମ୍ନମାନର କାମ ଯୋଗୁ ତାହା ଅଳ୍ପ ଦିନରେ ନଷ୍ଟ ହୋଇଯାଉଛି। ଏପରି ଅନିୟମିତତାରେ ଠିକାଦାରଠାରୁ ଆରମ୍ଭ କରି ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ସମ୍ପୃକ୍ତ ଥିବା ସାଧାରଣରେ ଆଲୋଚନା ହେଉଛି। ଏ ବିଷୟରେ ଜନସାଧାରଣ ଅଭିଯୋଗ କଲେ କାମ ଠିକ୍ ଅଛି କହି ଲୋକଙ୍କ ଅଭିଯୋଗକୁ ଏଡାଇ ଦିଆଯାଉଛି। ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଏଭଳି କିଛି ଅନିୟମିତତା ହୋଇଥିବା ଅଭିଯୋଗକୁ ଅଧିକାରୀ ଅସ୍ୱୀକାର କରିବା ପରେ ତାହାର ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ପାଇଁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଥିଲା। କିନ୍ତୁ ତଥ୍ୟ ଦେବା ବଦଳରେ ସୂଚନା ଅଧିକାରୀ ଅପିଲ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହି ଅନୁସାରେ ବ୍ଲକର ପ୍ରଥମ ଅପିଲ ଅଧିକାରୀ ନୂଆଗାଁ ବିଡିଓଙ୍କ ନିକଟରେ ସେପ୍ଟେମ୍ବର ୧୮ତାରିଖରେ ଅପିଲ କରାଯାଇଥିଲା। ଏହାର ଶୁଣାଣି ଅକ୍ଟୋବର ୨୩ ତାରିଖରେ କରିବା ପାଇଁ ଦିନ ଧାର୍ଯ୍ୟକରି ଅପିଲକାରୀଙ୍କୁ ଚିଠି କରାଯାଇଥିଲା। କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଅପିଲକାରୀ ପହଞ୍ଚିଥିଲେ ମଧ୍ୟ ବିଡିଓ ନ ଥିବା କଥା ବ୍ଲକର ମୁଖ୍ୟ କିରାଣି ସୂଚନା ଦେଇଥିଲେ। ଅପିଲ କରିବାର ଦୁଇମାସ ବିତିଯାଇଥିଲେ ମଧ୍ୟ ତଥ୍ୟ ମିଳୁ ନ ଥିବାରୁ ଅନିୟମିତତାରେ ଅଧିକାରୀଙ୍କ ସମ୍ପୃକ୍ତି ନେଇ ଚର୍ଚ୍ଚା ଜୋର ଧରିଛି । ସୂଚନା ନ ଦେବା ବିଷୟରେ ନୂଆଗାଁ ବ୍ଲକ ବିଡିଓ ତଥା ପ୍ରଥମ ଅପିଲ ଅଧିକାରୀ ଶିରିୟାଲ ଏସ୍ ପଟେଲ କୁହନ୍ତି, ସମୟ ଅଭାବରୁ ସୂଚନା ଦେଇପାରି ନାହିଁ। ଯଥାଶୀଘ୍ର ଦେବା ପାଇଁ ଚେଷ୍ଟା କରିବି।



ନୂଆଗାଁ ବ୍ଲକ କାର୍ଯ୍ୟାଳୟ।

# ଫାଶ ବସାଇ ବାର୍‌ହା ଶିକାର

**ବନ ବିଭାଗ ପାଖରେ ଖବର ନାହିଁ**


ଜଙ୍ଗଲରେ ମରିପଡ଼ିଥିବା ବାର୍‌ହା।

**ରଣପୁର,୧୮।୧୧(ସ୍ୱ.ପ୍ର.)**

ଶିକାରୀମାନେ ବନ୍ଧୁକ ଏବଂ ଫାଶ ପକାଇ ବେଆଇନ ଭାବେ ଶିକାର କରୁଥିବାବେଳେ ଏ ନେଇ ସ୍ଥାନୀୟ ବନ ବିଭାଗ ପାଖରେ କୌଣସି ଖବର ନ ଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ଜିଲା ବନଖଣ୍ଡ ଅଧୀନ ନୟାଗଡ଼ ଜିଲା ରଣପୁର ବନ ବିଭାଗ ଅନ୍ତର୍ଗତ ମା' ମଣିନାଗ ସଂରକ୍ଷିତ ବଜ୍ରକୋଟ ଶାଗୁଆନ ଜଙ୍ଗଲରେ ରବିବାର ଏଭଳି ଘଟଣା ଦେଖିବାକୁ ମିଳିଛି । ଫାଶରେ ପଡ଼ି ବାର୍‌ହାଟିଏ ମରିଯାଇଥିବା ବେଳେ ବନ୍ୟପ୍ରାଣୀ ବିଭାଗ ନିକଟରେ କୌଣସି ଖବର ନ ଥିବା ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଘଟଣାରୁ ପ୍ରକାଶ, କେତେଜଣ ଗ୍ରାମବାସୀ କାଠ ସଂଗ୍ରହ କରିବାକୁ ଯାଇଥିଲା ବେଳେ ବାର୍‌ହାଟି ଫାଶରେ ପଡ଼ି ମରିଯାଇଥବା ଦେଖିଥିଲେ। ଏ ନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି। ପ୍ରକାଶ ଯେ, ଜଙ୍ଗଲ ମାଫିଆ ଓ କାଠଚୋରମାନେ ଏଠାରେ ଥିବା ମୂଲ୍ୟବାନ ଶାଗୁଆନ ଆଦି ଗଛଗୁଡ଼ିକୁ ବେଆଇନ ଭାବେ କାଟି ନେଉଛନ୍ତି। ଏହି ଜଙ୍ଗଲରେ ଥିବା କୁଟୁରା, ଠେକୁଆ, ଶମ୍ବର, ବାରାହା ଆଦି ବନ୍ୟ ଜନ୍ତୁମାନଙ୍କୁ ଅବାଧରେ ଫାଶ ଓ ବନ୍ଧୁକ ଦ୍ୱାରା ଶିକାର କରୁଛନ୍ତି । ତେବେ ବାରମ୍ବାର ଏ ନେଇ ସ୍ଥାନୀୟ ଲୋକେ ବନ ବିଭାଗରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି । ଏହି ବିଷୟରେ ରଣପୁର ବନ ଅଧିକାରୀ ଶରତ କୁମାର ଶତପଥି ଅବଗତ ନ ଥିବା କହିଥିଲେ। ଖୋର୍ଦ୍ଧା ଡିଏଫ୍‌ଓ ଏହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିବା କିଛି ଲୋକ କହିଛନ୍ତି। ସ୍ଥାନୀୟ ଆର୍‌ଟିଆଇ କର୍ମୀ ଦିଲୀପ କୁମାର ସାମନ୍ତରାୟ କହନ୍ତି, ଶିକାରୀମାନେ ଜଙ୍ଗଲରୁ ବେଆଇନ୍ ଭାବେ ଶିକାର କରି ମାଂସ ବଜାରରେ ବିକ୍ରି କରୁଛନ୍ତି । ହେଲେ ବନ ବିଭାଗର କୌଣସି କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଏଭଳି ଶିକାର ଦିନକୁ ଦିନ ଏଠାରେ ବୃଦ୍ଧି ପାଉଛି।

# ଅତ୍ୟାଧୁନିକ ପାର୍କ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

**ବୋଟିଂ ସହିତ ରହିବ ରୋପ୍‌ୱେ ବ୍ୟବସ୍ଥା**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ନୟାଗଡ଼ ଅଫିସ,୧୮।୧୧**

ନୟାଗଡ଼ ସହରରେ ତିଆରି ହେବ ଅତ୍ୟାଧୁନିକ ପାର୍କ। ଏଥିରେ ରୋପ୍‌ୱେ ସହିତ ୱାଚ ଟାୱାର, ବୋଟିଂ, ଶିଶୁ ପାର୍କ, ମ୍ୟୁଜିକାଲ୍ ଫାଉଣ୍ଟେଶନ୍, ରକ୍ କ୍ଲାଇମିଙ୍ଗ ଭଳି ସୁବିଧା ରହିବ। ଫଳରେ ଜିଲାବାସୀଙ୍କ ବହୁ ବର୍ଷର ସ୍ୱପ୍ନ ସାକାର ହେବ। ରବିବାର ନୟାଗଡ଼ ଏନ୍‌ଏସି ଅନ୍ତର୍ଗତ ବଲାଙ୍ଗିବନ୍ଧଠାରେ ଏହି ବଲାଙ୍ଗି ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରି ଏଭଳି ସନ୍ଦେଶ ଦେଇଛନ୍ତି ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ଚଳଚ୍ଚିତ୍ର ଅଭିନେତା ତଥା ରାଜ୍ୟ ସଭା ସଦସ୍ୟ ଅନୁଭବ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାରେ ନିର୍ମାଣ ହେବାକୁ ଥିବା ଏଭଳି ଅତ୍ୟାଧୁନିକ ପାର୍କକୁ ସ୍ୱାଗତ କରିଥିଲେ। ବିଧାୟକ ସାହୁ ନିଜ ବକ୍ତବ୍ୟରେ ପୂର୍ବରୁ ସହରରେ ସରକାରୀ ଜାଗା ନ ଥିବାରୁ ପାର୍କ ନିର୍ମାଣରେ ସମସ୍ୟା ଦେଖାଦେଇଥିଲା। ପରେ ବଲାଙ୍ଗି ବନ୍ଧଠାରେ ଥିବା ପୂର୍ତ୍ତ ବିଭାଗର ୧୭ ଏକର ଜାଗାକୁ ନଗର ଉନ୍ନୟନ ବିଭାଗକୁ ହସ୍ତାନ୍ତର ପରେ ପାର୍କ ପାଇଁ ରାସ୍ତା ଫିଟିଥିଲା। ନଗର ଉନ୍ନୟନ ବିଭାଗ ତରଫରୁ ବର୍ତ୍ତମାନ ୩.୫ କୋଟିର ଟେଣ୍ଡର କରାଯାଇଛି। ଏହାବାଦ୍ ୩୦ ଲକ୍ଷ ଟଙ୍କାରେ ଦୁଇଟି ଗେଟ୍ ପାଇଁ ମଧ୍ୟ ଅନୁଦାନ ଆସିଛି। ସେହିଭଳି ଉକ୍ତ ସ୍ଥାନରେ ଜଙ୍ଗଲ ବିଭାଗ ଏକକୋଟି ଟଙ୍କା ଖର୍ଚ୍ଚ କରି ୱାଚ୍‌ଟାୱାର ନିର୍ମାଣ କରିବ ବୋଲି ବିଧାୟକ ସାହୁ ସୂଚନା ଦେଇଥିଲେ। ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାର୍କ ନିର୍ମାଣ ହେଲେ ଏହା ଆପଣଙ୍କର ଭାବି ରକ୍ଷଣାବେକ୍ଷଣ କରିବାକୁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଶଶିଭୂଷଣ ଶତପଥୀ, ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ,ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ନୟାଗଡ଼ ତହସିଲଦାର ମନୋରଞ୍ଜନ ସାହୁ, ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ଓ ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ହଜାର ହଜାର ମହିଳାପୁରୁଷ ଯୋଗ ଦେଇଥିଲେ।

### ଓଡ଼ଗାଁ ଆହାର କେନ୍ଦ୍ର ଲୋକାର୍ପିତ

**ଓଡ଼ଗାଁ, ୧୮।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଆହାର ସମିତି, ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ରୋଟାରୀ କ୍ଲବ ନୟାଗଡ଼ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ଜିଲାର ୨ୟ ଆହାର କେନ୍ଦ୍ର ଲୋକାର୍ପିତ ହୋଇଛି। ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ଓ ଜିଲାପାଳ ଡ. ଏନ ତିରୁମାଲା ନାୟକ ମିଳିତ ଭାବେ ଏହାକୁ ଶୁଭ ଉଦ୍‌ଘାଟନ ସହିତ ଲୋକାର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାସ, ଉପଜିଲାପାଳ ତଥା ପ୍ରଶାସକ ବିଜ୍ଞାପିତ ଅଞ୍ଚଳ ପରିଷଦ ଜିତେନ୍ଦ୍ର କୁମାର ସାହୁ, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମହାପାତ୍ର, ରୋଟାରିଆନ ପ୍ରମୋଦ କୁମାର ପଟ୍ଟନାୟକ, ତହସିଲଦାର ପ୍ରମୋଦ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ମମତା ବେହେରା, ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡା, ଜିଲାପରିଷଦ ସଦସ୍ୟ ଲୋକନାଥ ସାହୁ ଓ ବିଭୁପ୍ରସାଦ ସାହୁ ଉପସ୍ଥିତ ଥିଲେ। ନୟାଗଡ ଜିଲା ସଦରରେ ଜିଲାର ପ୍ରଥମ ଆହାର କେନ୍ଦ୍ରରେ ଦୈନିକ ୭୦୦ ଲୋକଙ୍କୁ ୫ ଟଙ୍କିଆ ମଧ୍ୟାହ୍ନଭୋଜନ ମିଳୁଥିବା ବେଳେ ଜିଲାର ୨ୟ ଆହାର କେନ୍ଦ୍ର ଭାବେ ସ୍ଥାନୀୟ ଆହାର କେନ୍ଦ୍ରରେ ୩୦୦ ଲୋକଙ୍କୁ ୫ଟଙ୍କିଆ ମଧ୍ୟାହ୍ନଭୋଜନ ଉପଲବ୍ଧ ହୋଇପାରିବ। ଆବଶ୍ୟକ ପଡିଲେ ଏହି ସଂଖ୍ୟା ବୃଦ୍ଧି କରାଯାଇପାରିବ ବୋଲି ଜିଲାପାଳ ସୂଚନା ଦେଇଥିଲେ।

### 'ରୁପାଲୀ ଜିଲାର ଗର୍ବ ଓ ଗୌରବ'

**ଖଣ୍ଡପଡ଼ା,୧୮।୧୧(ସ୍ୱ.ପ୍ର.)**

ଭାପୁର ବ୍ଲକ୍ ଅନ୍ତର୍ଗତ ବିଜିପୁର ୟୁପି ସ୍କୁଲର ୫ମ ଶ୍ରେଣୀ ଛାତ୍ରୀ ରୁପାଲୀ ସାହୁ ନୟାଗଡ଼ ଜିଲାକୁ ଗୌରବ ମଣ୍ଡିତ କରିଛନ୍ତି। ରୁପାଲି ଜୁନିୟର ବିଭାଗ ବକ୍ତୃତା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ଆମ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ବୋଲି ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଛାୟା ବିଧାନସଭାରେ ଯେଉଁ ୫ଜଣ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ ସେଥିମଧ୍ୟରୁ ନୟାଗଡ଼ ବାଳିକା ହାଇସ୍କୁଲର ୮ମ ଶ୍ରେଣୀ ଛାତ୍ରୀ ପ୍ରଭାକିରଣ ମହାପାତ୍ର ଅନ୍ୟତମ ବୋଲି ସେ କହିଥିଲେ। ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଗତ ୧୪ରୁ ୧୬ ତାରିଖ ୩ ଦିନ ବ୍ୟାପୀ ଭୁବନେଶ୍ୱର ସ୍ଥିତ ୟୁନିଟ-୯ ବାଳକ ବିଦ୍ୟାଳୟରେ 'ସୁରଭି-୨୦୧୮'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ଚଳିତ ବର୍ଷ କେବଳ କନିଷ୍ଠ ବର୍ଗଙ୍କପାଇଁ ଉଦ୍ଦିଷ୍ଟ ବକ୍ତୃତା ପ୍ରତିଯୋଗିତାରେ ରୁପାଲୀ ଦ୍ୱିତୀୟ ସ୍ଥାନ ଅଧିକାର କରି ସମଗ୍ର ଜିଲାର ମାନବୃଦ୍ଧି କରିବା ସହ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣି ପାରିଛନ୍ତି ।



ଅତିଥି ରୁପାଲୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କୁରାଳ ଜଗୁ ରାଉତରାୟ ଫୁଟବଲ ଟୁର୍ନାମେଣ୍ଟ

# ୨ୟ ଦିବସରେ ଖଣ୍ଡପଡ଼ା ବିଜୟୀ

**ଓଡ଼ଗାଁ, ୧୮।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୁରାଳ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ଆନ୍ତଃ ଜିଲା ଜଗୁ ରାଉତରାୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ୨ୟ ଦିବସୀୟ ମ୍ୟାଚ ଖଣ୍ଡପଡା ଓ ଇଟାମାଟି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆମ ପ୍ରତିନିଧିଙ୍କ ସହିତ ବରିଷ୍ଠ ଖବରଦାତା ଅଶୋକ କୁମାର ମହାପାତ୍ର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମାର୍ଦ୍ଧ ମ୍ୟାଚର ୧୩ ମିନିଟ୍‌ରେ ଇଟାମାଟି ଦଳର ୧୩ ନମ୍ବର ଜର୍ସି ଏସ୍.କେ. ବୁନିଆଦ ପ୍ରଥମ ଗୋଲ ସ୍କୋର କରିଥିଲେ । ହେଲେ ଦ୍ୱିତୀୟାର୍ଦ୍ଧର ୬ ମିନିଟରେ ଖଣ୍ଡପଡା ଦଳର ୮ ନମ୍ବର ଜର୍ସି ରାଜକିଶୋର ପ୍ରତିପକ୍ଷ ଦଳକୁ ଏକ ଗୋଲ ଦେଇ ମ୍ୟାଚକୁ ସମାନ ସ୍ଥିତିରେ ପହଞ୍ଚାଇଥିଲେ । ପରବର୍ତ୍ତୀ ୨୦ ମିନିଟରେ ଏହି ଦଳର ୮ ନମ୍ବର ଜର୍ସି ମୁନା ଅନ୍ୟ ଏକ ଗୋଲ ଦେବା ପରେ ଖଣ୍ଡପଡା ଦଳକୁ ୨-୧ରେ ବିଜୟୀ ଘୋଷଣା କରାଯାଇଥିଲା । ମନୋରଞ୍ଜନ ଦାସ, ବୈକୁଣ୍ଠ ନାଥ ପାଲ, କୈଳାସ ପ୍ରଧାନ ଓ ସୁବାସ ଚନ୍ଦ୍ର ସାହୁ ମ୍ୟାଚ ପରିଚାଳନା କରିଥିଲେ। ସୋମବାର ମ୍ୟାଚ କେରଙ୍ଗ (ଖୋର୍ଦ୍ଧା) ଓ ଫିରିଙ୍ଗିଆ ମଧ୍ୟରେ ଅନୁଷ୍ଠିତ ହେବ।


ମ୍ୟାଚର ଏକ ଦୃଶ୍ୟ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଖଣ୍ଡପଡ଼ା,୧୮।୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ୯ ଓ ୧୧ ନଂ ୱାର୍ଡରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ରବିବାର ଆୟୋଜିତ ପଦଯାତ୍ରାରେ ଖଣ୍ଡପଡ଼ା ଏନ୍‌ଏସି ବିଜେଡି ସଭାପତି କିଶୋର ଚନ୍ଦ୍ର ଦାଶ, ସମ୍ପାଦକ ବିଜୟ କୁମାର ମିଶ୍ରଙ୍କ ସମେତ ଦଳର ସଂଗଠକ ଓ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଉପରୋକ୍ତ ୨ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ସମସ୍ୟାଗୁଡିକର ସମାଧାନ କରାଯିବ ବୋଲି ବିଧାୟକ ପଟ୍ଟନାକୟକ ପ୍ରତିଶ୍ରୁତି ଦେଇଥିଲେ।

# ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ନୟାଗଡ଼ ଅଫିସ,୧୮।୧୧**

ପ୍ରଜ୍ଞାନ ମିଶନ୍ ଓଡ଼ିଶା ଆୟୋଜନରେ ରବିବାର ସହରସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରଠାରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବ୍ଲକରୁ ଆସିଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟ ୩୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ତଥା ଶିଶୁମନ୍ଦିର ନୟାଗଡ଼ର ସଭାପତି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ ନୟାଗଡ଼ର ପ୍ରମୁଖ ସଦସ୍ୟ ସର୍ବେଶ୍ୱର ପଟ୍ଟନାୟକ ଯୋଗ ଦେଇ ଗୀତାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଜିଲା ପ୍ରମୁଖ ବନବିହାରୀ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସର୍ବଶ୍ରୀ ଭାସ୍କର ଚନ୍ଦ୍ର ମିଶ୍ର, ବିଜୟ କୁମାର ପଣ୍ଡା, ଅଧ୍ୟାପିକା ନିଳିମାନନ୍ଦ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କ୍ରିୟାଯୋଗ ମିଶନ୍ ନୟାଗଡ଼ ଶାଖା ସଦସ୍ୟ ସମୀର ମୁଦୁଲି ପ୍ରତିଯୋଗିତା ପରିଚାଳନା କରିଥିଲେ। ନୟାଗଡ଼ ସରସ୍ୱତୀ ଶିଶୁମନ୍ଦିର ଜିଲା ସଂଯୋଜକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# 'ଗୁରୁ-ଶିଷ୍ୟ ସମ୍ପର୍କ ଏକ ମହାନ୍ ପରମ୍ପରା'

**ପୂଜ୍ୟପୂଜା ଉତ୍ସବ**

**ଖଣ୍ଡପଡ଼ା,୧୮।୧୧(ସ୍ୱ.ପ୍ର.)**

ପୂଜ୍ୟପୂଜାର ପରମ୍ପରା ଯୁଗେ ଯୁଗେ ରହିଆସିଛି । ଭାରତୀୟ ସଂସ୍କୃତିରେ ପୂଜ୍ୟପୂଜା ସାଙ୍ଗକୁ ଗୁରୁ-ଶିଷ୍ୟ ସମ୍ପର୍କ ଏକ ମହାନ ପରମ୍ପରା ଅଟେ। ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ଖଳିସାହି ଅଞ୍ଚଳରେ କାର୍ଯ୍ୟ କରୁଥିବା ଏକ ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଶିକ୍ଷା' ପକ୍ଷରୁ ରବିବାର ଆୟୋଜିତ ପୂଜ୍ୟପୂଜା ଉତ୍ସବ ତଥା ଏହାର ଦ୍ୱିତୀୟ ବାର୍ଷିକ ଉତ୍ସବରେ ଅତିଥିମାନେ ଏଭଳି ମତ ଦେଇଛନ୍ତି । ଉତ୍ସବରେ ଭୁବନେଶ୍ୱର ସ୍ଥିତ ସମ୍ ହସ୍‌ପିଟାଲ୍‌ର ନିର୍ଦ୍ଦେଶକ ଡ. ବସନ୍ତ କୁମାର ପତି ମୁଖ୍ୟଅତିଥି, ବରିଷ୍ଠ ଆଇନଜୀବୀ ତଥା ଶିକ୍ଷାବିତ୍ ଡଃ ଗଣେଶ୍ୱର ସ୍ୱାଇଁ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ରୂପେ ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରା ଓ ଲେଖକ କୁଳମଣୀ ଷଡ଼ଙ୍ଗୀ ଯୋଗଦେଇଥିଲେ । ଖଣ୍ଡପଡା ପଠାଣିସାମନ୍ତ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପ୍ରିୟରଞ୍ଜନ ରଥ ସଭାରେ ପୌରୋହିତ୍ୟ କରିଥିଲେ । ସଂଗଠକ ବିଜୟ କୁମାର ପୃଷ୍ଟି କାର୍ଯ୍ୟକ୍ରମରେ ସଂଯୋଜନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପୃଷ୍ଟି ଉତ୍ସବ ଆୟୋଜନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଏହି ଅବସରରେ ୨୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ଉପଢୌକନ ଓ ପଠାଣିସାମନ୍ତଙ୍କ ଜୀବନୀ ଉପରେ ଆଧାରିତ 'ସାମନ୍ତ ସ୍ମରଣେ' ପୁସ୍ତକ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ପରିଚାଳକ ଜିତେନ୍ଦ୍ର କୁମାର କାଟିଆ, ସଂଗଠକ ଜ୍ଞାନ ରଞ୍ଜନ ପୃଷ୍ଟି ଓ ଏବିଭିପି ଜିଲା ସଂଯୋଜକ ପରମେଶ୍ୱର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଜୟ କୁମାର ପ୍ରଧାନ ଓ ସାଥୀମାନେ ଭଜନ ପରିବେଷଣ କରିଥିଲେ ।



ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକମାନେ।